بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସଂଖ୍ୟା 29

ସାପ୍ତାହିକ ବଦର

Weekly BADAR Qadian Odia

କାଦିଆନ

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

16 ଜୁଲାଇ 2020 | 16 ଓ୍ଫା 1399 ହି.ଶ | 24 ଜୁଲ୍‌କାଦାଃ 1441 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

وَلَیۡسَتِ التَّوۡبَۃُ لِلَّذِیۡنَ یَعۡمَلُوۡنَ السَّیِّاٰتِ ۚ حَتّٰۤی اِذَا حَضَرَ اَحَدَہُمُ الۡمَوۡتُ قَالَ اِنِّیۡ تُبۡتُ الۡـٰٔنَ وَلَا الَّذِیۡنَ یَمُوۡتُوۡنَ وَہُمۡ کُفَّارٌ ؕ (النساء:19)

ଅନୁବାଦ- ଏବଂ ସେହି ଲୋକମାନଙ୍କର ଅନୁତାପ (ଗ୍ରହଣୀୟ) ନୁହେଁ ଯେଉଁମାନେ (ନିରନ୍ତର) ମନ୍ଦ କାର୍ଯ୍ୟ କରୁଥା'ନ୍ତି, ଏପରିକି ଯେବେ ସେମାନଙ୍କ ମଧ୍ୟରୁ କାହାରି ମୃତ୍ୟୁ (ସମୟ) ଉପସ୍ଥିତ ହୁଏ ତେବେ (ସେ) କହେ ଯେ ମୁଁ ବର୍ତମାନ ନିଶ୍ଚିତ ରୂପେ ଅନୁତାପ କରୁଅଛି ତଥା ସେ ଲୋକମାନଙ୍କର (ଅନୁତାପ) ଗ୍ରହଣୀୟ ନୁହେଁ, ଯେଉଁମାନେ ଅବିଶ୍ୱାସକାରୀ ଥିବା ଅବସ୍ଥାରେ ମରି ଯାଆନ୍ତି ।

*(ଆଲେ ଇମରାନ୍: ୧୯)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ଯିଏ ଇସ୍‌ଲାମ୍‌ର ସମ୍ମାନ କରୁନାହିଁ ଓ ଇସ୍‌ଲାମ୍ ପ୍ରତି ସ୍ୱାଭିମାନୀ ନୁହେଁ, ସେ ଯେ କେହି ହୁଅନ୍ତୁ ନା କାହିଁକି ଖୁଦା ତା ସମ୍ମାନ ଓ ତା' ପ୍ରତିଷ୍ଠାର ପରବାଏ କରନ୍ତି ନାହିଁ ଓ ସେ ଧାର୍ମିକ ମୁସଲମାନ ନୁହେଁ ।**

**ଖୁଦାଙ୍କ କଥାକୁ ନ୍ୟୁନ ମଣ ନାହିଁ । ଯେଉଁମାନେ ବିଦ୍ୱେଷଭାବ ପୋଷଣ କରି ସତ୍ୟକୁ ଅସ୍ୱୀକାର କରିଦେଉଛନ୍ତି ଓ କହୁଛନ୍ତି ଯେ ଶାନ୍ତିପୂର୍ଣ୍ଣ ଯୁଗରେ କାହାର ଆସିବାର କଣ ଆବଶ୍ୟକତା ଅଛି, ସେମାନଙ୍କୁ ଦୟାର ପତ୍ର ଭାବେ ବିବେଚନା କର ।**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

### ଅହମଦୀୟତ୍ ମାଧ୍ୟମରେ ଇସ୍‌ଲାମ୍‌ର ପ୍ରତିରକ୍ଷା

ବର୍ତମାନ ଅସ୍‌ହାବେ ଫିଲ୍ ରୂପରେ ଇସ୍‌ଲାମ୍ ଉପରେ ଆକ୍ରମଣ କରାଯାଉଅଛି । ମୁସଲମାନମାନେ ଅନେକ ଦୃବଳତା ଭିତରେ ପଡ଼ିରହିଛନ୍ତି । ଇସ୍‌ଲାମ୍ ଗରିବ ହୋଇଯାଇଛି ଓ ଅସ୍‌ହାବେ ଫିଲ୍ ଶକ୍ତିଶାଳୀ । କିନ୍ତୁ ଅଲ୍ଲାଃ ତାଲା ସେହି ନମୁନାକୁ ପୁଣି ପ୍ରଦର୍ଶନ କରିବାକୁ ଚାହୁଁଛନ୍ତି । ପକ୍ଷୀମାନଙ୍କ ଦ୍ୱାରା ସେ ସେହି କାର୍ଯ୍ୟ କରାଇବ । ଆମ ଯମାତ୍ ସେମାନଙ୍କ ତୁଳନାରେ କଣ ? ସେମାନଙ୍କର ସର୍ବସମ୍ମତତା, ଶକ୍ତି ଓ ଧନର ମୁକାବିଲାରେ କିଛି ବି ନୁହେଁ । କିନ୍ତୁ ଆମେ ଅସ୍‌ହାବେ ଫିଲ୍ ଘଟଣାକୁ ସମ୍ମୁଖରେ ରଖି ଅବଲୋକନ କରୁଅଛୁ ଯେ (ଅଲ୍ଲାଃ) କେତେ ସାନ୍ତ୍ୱନାମୁଳକ ଆୟତ ଅବତୀର୍ଣ୍ଣ କରିଛନ୍ତି । ମତେ ମଧ୍ୟ ଏହି ଐଶିବାଣୀ ହୋଇଛି, ଓ ସ୍ପଷ୍ଟ ରୂପେ ଏଥିରୁ ପ୍ରକାଶ ହେଉଛି ଯେ ଖୁଦାତାଲାଙ୍କ ସାହାଯ୍ୟ ଓ ସହଯୋଗ ନିଶ୍ଚିତ ରୂପେ ନିଜର କାର୍ଯ୍ୟ କରିବ । ହଁ ଏ କଥା ଉପରେ କେବଳ ସେହିମାନେ ବିଶ୍ୱାସ ରଖିଥାନ୍ତି ଯେଉଁମାନେ ପବିତ୍ର କୁର୍‌ଆନ୍‌କୁ ପ୍ରେମ କରିଥାନ୍ତି । ଯଦି ପବିତ୍ର କୁର୍‌ଆନ୍ ସହିତ ଶ୍ରଦ୍ଧା ନାହିଁ ଓ ଇସ୍‌ଲାମ୍ ସହିତ ପ୍ରେମ ନାହିଁ ତେବେ ସେ ଏହି କଥାଗୁଡ଼ିକର କେବେ ହେଲେ ପରବାଏ କରିପାରିବ କି ? ଇସ୍‌ଲାମ୍ ଓ ଇମାନ୍ ହେଉଛି ଏହା କି ଖୁଦାଙ୍କ ଇଚ୍ଛା ସହିତ ତା'ର ଇଚ୍ଛା ମିଶିଯାଉ । ଯେ ଇସ୍‌ଲାମ୍‌ର ସମ୍ମାନ ଓ ଇସ୍‌ଲାମ୍ ପ୍ରତି ସ୍ୱାଭିମାନୀ ନୁହେଁ, ସେ ଯେ କେହି ହେଉ ନା କାହିଁକି ଖୁଦା ତା' ସମ୍ମାନ ଓ ପ୍ରତିଷ୍ଠାର ପରବାଏ କରନ୍ତି ନାହିଁ ଓ ସେ ଧାର୍ମିକ ମୁସଲମାନ ନୁହେଁ । ଖୁଦାଙ୍କ କଥାକୁ ନ୍ୟୁନ ମଣ ନାହିଁ ଓ ଯେଉଁମାନେ ବିଦ୍ୱେଷଭାବ ପୋଷଣ କରି ସତ୍ୟକୁ ଅସ୍ୱୀକାର କରିଦେଇଛନ୍ତି ଓ କହୁଛନ୍ତି ଯେ ଶାନ୍ତିପୂର୍ଣ୍ଣ ଯୁଗରେ କାହାର ଆସିବାର କଣ ଆବଶ୍ୟକତା ଅଛି ବୋଲି, ସେମାନଙ୍କୁ ଦୟାର ପାତ୍ର ରୂପେ ବିବେଚନା କର । ଦୁଃଖ ଲାଗୁଛି ! ସେମାନେ ଏହା ଦେଖୁନାହାନ୍ତି ଯେ ଇସ୍‌ଲାମ୍ କିଭଳି ଶତୃମାନଙ୍କ ଚକ୍ରବିହ୍ୟୁ ଭିତରେ ଘେରି ହୋଇ ରହିଛି, ଚାରିଆଡୁ ଏହା ବିରୋଧରେ ଆକ୍ରମଣ କରାଯାଉଅଛି । ରସୁଲୁଲ୍ଲାଃ ସ:ଆ:ସଙ୍କୁ ଅପମାନିତ କରାଯାଉଅଛି । ଏହା ସତ୍ୱେ ମଧ୍ୟ ଏକଥା କହୁଛନ୍ତି ଯେ କାହାର ଆବଶ୍ୟକତା ନାହିଁ ।

### ସେଡ଼ିଶନ୍ କାନୁନରୁ ଇସ୍‌ଲାମ୍ ଲାଭ ଉଠାଇ ପାରିବ

ସେଡ଼ିଶନ୍ ନିୟମ / କାନୁନ ଆମପାଇଁ ବହୁତ ଲାଭକାରୀ । କେବଳ ଆମେ ହିଁ ପ୍ରକୃତରେ ଉପକୃତ ହୋଇପାରିବା ଅନ୍ୟ ଧର୍ମଗୁଡ଼ିକର ମୁଳୋତ୍ପାଟ ପାଇଁ ଏହା ମାଧ୍ୟମ ହେବ । କାରଣ ଆମ ନିକଟରେ ତ ଈଶ୍ୱରୀୟ ସତ୍ୟ ଏବଂ ଅନ୍ତର୍ନିହିତ ଜ୍ଞାନର ଭଣ୍ଡାର ରହିଛି । ଆମେ ଏହି ରତ୍ନକୁ ଏପରି ବଂଟନ କରିଚାଲିବୁ ଯାହା କଦାପି ଶେଷ ହେବ ନାହିଁ । କିନ୍ତୁ ଆର୍ଯ୍ୟା ଓ ପାଦ୍ରୀମାନେ କେଉଁ ଜ୍ଞାନକୁ ଉପସ୍ଥାପନ କରିବେ ? ପାଦ୍ରୀମାନେ ବିଗତ ପଚାଶ ବର୍ଷ ଭିତରେ କଣ ପ୍ରଦର୍ଶନ କରିଛନ୍ତି । କଣ ଗାଳିଗୁଲଜ ବ୍ୟତିତ ସେମାନେ ଆଉ କିଛି ଉପସ୍ଥାପନ କରିପାରିବେ କି ? ହିନ୍ଦୁମାନଙ୍କ ହାତରେ ମଧ୍ୟ ଆପତି ଅଭିଯୋଗ ବ୍ୟତିତ କିଛି ନାହିଁ । ଆମେ ଆତ୍ମବିଶ୍ୱାସର ସହିତ ଏ କଥା କହିପାରିବୁ ଯେ ଯଦି ଜଣେ ଆର୍ଯ୍ୟ ବା ପାଦ୍ରୀଙ୍କୁ ନିଜ ଧର୍ମର ଉତ୍କର୍ଷତା ଓ ସୁଗୁଣଗୁଡ଼ିକୁ ବର୍ଣ୍ଣନା କରିବାପାଇଁ ଡ଼କାଯାଏ, ତେବେ ସେମାନେ ଆମ ସମ୍ମୁଖରେ ଏକ କ୍ଷଣ ପାଇଁ ମଧ୍ୟ ଛିଡ଼ା ହେବାକୁ ଅସମର୍ଥ ହେବେ ।

### କଫାରାଃ (Atonement)

ଧର୍ମର ମୂଳ ପଥର ହେଉଛି ଭଗବାନଙ୍କୁ ଚିହ୍ନିବା । ଯେପର୍ଯ୍ୟନ୍ତ ସେହି ମୂଳପଥର ଯଥା ସ୍ଥାନରେ ନ ରହିଛି ସେ ପର୍ଯ୍ୟନ୍ତ ଅନ୍ୟ କାର୍ଯ୍ୟଗୁଡ଼ିକ କିପରି ଶୁଦ୍ଧ ହୋଇପାରିବ ? ଇସାଇମାନେ ଅନ୍ୟମାନଙ୍କ ଶୁଦ୍ଧତା ଉପରେ ଅସଂଖ୍ୟ ଆପତି ଅଭିଯୋଗ କରିଥାନ୍ତି । ଯେବେ କି ନିଜେ କଫାରାଃ ପରି ଏକ ଅନୈତିକ କ୍ଷତିକାରକ ଧାରଣାରେ ବିଶ୍ୱାସ ରଖି ମଧ୍ୟ ଆପତି ଅଭିଯୋଗ କରୁଛନ୍ତି । ମୁଁ ଏକଥା ବୁଝିପାରୁନାହିଁ ଯେ ଆମ ପାପଗୁଡ଼ିକୁ କିପରି ମସିହ୍ ନେଇଗଲେ । ଯେବେ କି ତାଙ୍କୁ ଅଭିସପ୍ତ ରୂପେ ଅବିହିତ କରାଯାଇଅଛି ଓ ତାକୁ ତିନି ଦିନ ପର୍ଯ୍ୟନ୍ତ ନର୍କରେ ରଖାଗଲା । ଏହିଭଳି ଅବସ୍ଥାରେ ଯଦି ପାପ ବଦଳରେ ଦଣ୍ଡ ମିଳେ ତେବେ ପୁଣି କଫାରାଃ ର କଣ ଲାଭ ହେଲା ? କଫାରାଃ ର ସିଦ୍ଧାନ୍ତ ହେଉଛି ଏହା କି ପାପ କରାଯାଉ । ଏହା ସ୍ୱଭାବିକ କଥା ଯେ ସିଦ୍ଧାନ୍ତର ପ୍ରଭାବ ବହୁମାତ୍ରାରେ ପଡ଼ିଥାଏ । ଦେଖ ! ହିନ୍ଦୁମାନଙ୍କ ନିକଟରେ ଗାଇ ବହୁତ ପବିତ୍ର ଓ ସମ୍ମାନୀୟ । ଏହାର ପ୍ରଭାବ ସେମାନଙ୍କ ଉପରେ ଏତେ ମାତ୍ରାରେ ରହିଛି ଯେ ତା'ର ପରିଶ୍ରା ଓ ଗୋବରକୁ ମଧ୍ୟ ପବିତ୍ର ଓ ପବିତ୍ରକାରୀ ବୋଲି ଅଭିହିତ କରାଯାଇଅଛି । ଗାଇ ବିଷୟରେ ସେମାନଙ୍କ ମନରେ ଏତେମାତ୍ରାରେ ଆବେଗ ଭରି ରହିଛି ଯେ ତାହାର କୌଣସି ସୀମା ନାହିଁ । ସେଥିଯୋଗୁଁ ଏ କଥା ସେମାନଙ୍କ ସିଦ୍ଧାନ୍ତରେ ସାମିଲ ହୋଇଯାଉଛି । ମନେରଖ ସିଦ୍ଧାନ୍ତ ହେଉଛି ମାଆ ସଦୃଶ ଓ କର୍ମ ସନ୍ତାନ ସଦୃଶ । ଯେବେ ମସିହ୍ କଫାରାଃ ହୋଇଗଲେ ଓ ସେ ବିଶ୍ୱାସକାରୀମାନଙ୍କର ସବୁତକ ପାପ ଉଠାଇ ନେଲେ, ତେବେ ପୁଣି ଏବେ କଣ ପାଇଁ ପାପ ନ କରାଯିବ ? ଆଶ୍ଚର୍ଯ୍ୟର କଥା ଯେ ଇସାଇମାନେ ଯେତେବେଳେ କଫାରାଃର ସିଦ୍ଧାନ୍ତ ବର୍ଣ୍ଣନା କରୁଛନ୍ତି, ସେତେବେଳେ ନିଜ ଭାଷଣକୁ ଖୁଦାତାଲାଙ୍କ କରୁଣା ଓ ନ୍ୟାୟରୁ ହିଁ ଆରମ୍ଭ କରୁଛନ୍ତି । କିନ୍ତୁ ମୁଁ ପଚାରୁଛି ଯେ ଯେବେ ଜୈଦ୍‌ର ପ୍ରତିବଦଳରେ ବକର୍‌କୁ ଫାସି ମିଳିଲା, ସେତେବେଳେ ଏହା କି ପ୍ରକାରର ନ୍ୟାୟ ଓ କରୁଣା ? ଯେବେ ଏ ନିୟମ କରିଦିଆଗଲା ଯେ ସମସ୍ତ ପାପ ସେ ଉଠାଇନେଲେ ଓ ଆସନ୍ତାକୁ ଜନ୍ମ ହେବାକୁ ଥିବା ଲୋକମାନଙ୍କ ପାପକୁ ମଧ୍ୟ ଉଠାଇ ନେଲେ, ତେବେ ପୁଣି ପାପ ନ କରିବାପାଇଁ ଆଉ କଣ ପ୍ରତିବନ୍ଧକ ରହିପାରେ ? ଯଦି ଏ ନିର୍ଦ୍ଦେଶ ଥାନ୍ତା ଯେ ସେ ସମୟର ଇସାଇମାନଙ୍କ ପାଇଁ କଫାରାଃ ହୋଇଥିଲା, ତେବେ ତାହା ଅଲଗା କଥା କିନ୍ତୁ ଯେବେ ଏହା ମାନିନିଆଗଲା ଯେ କୟାମତ ପର୍ଯ୍ୟନ୍ତ ହେବାକୁ ଥିବା ପାପର ବୋଝକୁ ଇସୁ (ମସିହ) ଉଠାଇ ନେଇଗଲେ ଓ ସେ ଦଣ୍ଡ ମଧ୍ୟ ଉଠାଇନେଲେ, ତେବେ ପୁଣି ଏବେ ପାପିମାନଙ୍କୁ ଧରିବା କେଡ଼େ ଅନ୍ୟାୟ ହେବ ? ପ୍ରକୃତପକ୍ଷେ ନିରୀହମାନଙ୍କୁ ପାପୀମାନଙ୍କ ସ୍ଥାନରେ ଦଣ୍ଡ ଦେବା ହେଉଛି ଅନ୍ୟାୟ ଏବଂ ପୁଣି ଦ୍ୱିତୀୟ ଅନ୍ୟାୟ ହେଉଛି ଏହା କି ପାପିମାନଙ୍କର ପାପର ବୋଝକୁ ଇସୁ (ମସିହ)ଙ୍କ ଉପରେ ଲଦିଦେଲେ ଓ ପାପୀମାନଙ୍କୁ ସୁସମାଚାର ଦିଆଗଲା ଯେ ସେ (ଅର୍ଥାତ ମସିହ) ସେମାନଙ୍କର ପାପକୁ ବହନ କରିଛନ୍ତି, ଏବଂ ଏବେ ଯଦି ସେମାନେ ପାପ କରିବେ ଦଣ୍ଡିତ ହେବେ । ଏହା କେଡ଼େ ଅଦ୍ଭୁତ ପ୍ରତାରଣା ଯାହାର ଉତର ଦେବାପଇଁ ଇସାଇମାନେ କେବେ ବି ସମର୍ଥ ହୋଇପାରିବେ ନାହିଁ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୬୦-୧୬୨ ପ୍ରକାଶନ୨୦୧୮ କାଦିୟାନ)*

*ପୃଷ୍ଠା- ୦୮ ର ଅବଶିଷ୍ଟାଂଶ ......*

କହିଲା ସେହି ଲୋକମାନଙ୍କ ମଧ୍ୟରୁ ଅବୁ ଜହଲ୍ କିଏ ? ଯିଏ ହଜୁର ସ:ଆ:ସଙ୍କୁ ଦୁଃଖ ଯନ୍ତ୍ରଣା ଦେଉଥିଲା । ଚଚା ମୋର ଇଚ୍ଛା ଏହି କି ଯେ, ମୁଁ ଆଜି ତାହାର ହତ୍ୟା କରିଦେବି । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ କୁହନ୍ତି ବର୍ତମାନ ସେହି ବାଳକର କଥା ସରିନଥିଲା କି ମୋର ବାମପାର୍ଶ୍ୱ କହୁଣୀରେ କହୁଣୀ ବାଜିଲା ଏବଂ ମୁଁ ବାମପାର୍ଶ୍ୱକୁ ଚାହିଁଲି । ବାମପାର୍ଶ୍ୱରେ ଛିଡ଼ା ହୋଇଥିବା ବାଳକ ମଧ୍ୟ ସେହି ସମାନ କଥା ମତେ ପଚାରିଥିଲା କି ଚଚା ଅବୁଜହଲ୍ କିଏ ଯିଏ ହଜୁର ସ:ଆ:ସଙ୍କୁ ମକ୍କାରେ କଷ୍ଟ ଓ ନିର୍ଯ୍ୟାତନା ଦେଉଥିଲା । ମୋ ମନ ହେଉଛି ମୁଁ ଆଜି ତାହାର ବଦ୍ଧ କରିଦେବି । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ କୁହନ୍ତି ମୁଁ ଜଣେ ଅଭିଜ୍ଞ ସିପାହୀ ହେବା ସତ୍ୱେ ମଧ୍ୟ ମୋ ମନରେ ଏଭଳି ଭାବନା ଆସିନଥିଲା ଯେ ଅବୁଜହଲ୍ ପରି ଜଣେ ସୁଦକ୍ଷ ସେନାପତି ଓ ଅଭିଜ୍ଞ ସିପାହୀ ଯିଏ ଦକ୍ଷ ସିପାହୀମାନଙ୍କ ପରଧିରେ ଆବଦ୍ଧିତ ଥିଲା ତା'ର ବଦ୍ଧ କରିପାରିବି । ସୁତରାଂ ମୁଁ ନିଜର ଆଙ୍ଗୁଳି ଉଠାଇଲି ଏବଂ ଏକ ସମୟରେ ହିଁ ସେହି ଦୁଇ ତରୁଣ ନାବାଳକଙ୍କୁ କହିଲି, ହେଇ ପରା ସମ୍ମୁଖରେ ଛିଡ଼ା ହାଇଥିବା ଲୋକଟି ଅବୁଜହଲ୍ ଯାହା ସମ୍ମୁଖରେ ବଳଶାଳୀ ତଥା ସାହାସି ଜେନେରାଲ୍ ନଗ୍ନ ଖଡ୍ଗ ଧରି ଛିଡ଼ା ହୋଇଛନ୍ତି ସେ ହିଁ ଅବୁ ଜହଲ୍ । ମୋ କହିବାର ତାତ୍ପର୍ଯ୍ୟ ଏହା ଥିଲା ଯେ, ତୁମମାନଙ୍କ ପରି ଅନଭିଜ୍ଞ ତରୁଣ ନାବାଳକମାନଙ୍କ ପକ୍ଷରେ ତାହାର ସଂହାର କରିବା ଅସମ୍ଭବ କିନ୍ତୁ ସେ କୁହନ୍ତି ଏହି ଆଙ୍ଗୁଳି ଯାହାକି ଅବୁଜହଲ୍ ଆଡ଼କୁ ଇଙ୍ଗିତ କରୁଥିଲା ବର୍ତମାନ ତାହା ତଳକୁ ଖସିନଥିଲା । ବାଳକଦ୍ୱୟ ଯେପରି ଚିଲ ତା ଶିକାର ଉପରେ ଆକ୍ରମଣ କରିଥାଏ ସେହିପରି ଉକ୍ତ ତରୁଣ ବାଳକଦ୍ୱୟ ଅବିଶ୍ୱାସକାରୀଙ୍କ ସେନାଙ୍କ ଧାଡ଼ିକୁ ବିଦିନ୍ନ କରି ଅବୁଜହଲ୍ ଆଡ଼କୁ ଦଉଡ଼ିବାକୁ ଆରମ୍ଭ କଲେ । ଅବୁଜହଲ୍ ଆଗରେ ତା' ପୁତ୍ର ଏକ୍‌ରମା ବିନ୍ ଅବୁଜହଲ୍ ଛିଡ଼ା ହୋଇଥିଲା ଯେ କି ଅତ୍ୟନ୍ତ ସାହାସି ଓ ଅଭିଜ୍ଞ ଜେନେରାଲ୍ ଥିଲା । କିନ୍ତୁ ଏହି ଅନଭିଜ୍ଞ ତରୁଣ ବାଳକ ପିଲାମାନେ ଏଭଳି ଦ୍ରୁତଗତିରେ ଆକ୍ରମଣ କଲେ ଯେ, ଆଶା କରିନଥିଲେ ଯେ ଏମାନେ କେଉଁ ଉଦ୍ଦେଶ୍ୟ ନେଇ ଆଗକୁ ଅଗ୍ରସର ହେଉଛନ୍ତି ଏବଂ ଦେଖୁ ଦେଖୁ ଅବୁଜହଲ୍ ଉପରେ ଆକ୍ରମଣ କରିଦେଲେ ଏବଂ ଅବିଶ୍ୱାସକାରୀମାନଙ୍କର ଧାଡ଼ିକୁ ଚିରି ଠିକ୍ ଅଙ୍ଗରକ୍ଷୀ ପ୍ରହରି ପର୍ଯ୍ୟନ୍ତ ପହଂଚି ଯାଇଥିଲେ । ସେହି ଅଙ୍ଗରକ୍ଷୀ ପ୍ରହରୀମାନେ ନିଜର ଖଡ୍ଗଗକୁ ତଳକୁ ଆନତ ମଧ୍ୟ କରିପାରିନଥିଲେ କେବଳ ଜଣେ ଅଙ୍ଗରକ୍ଷୀ ପ୍ରହରି ଖଡ୍ଗ ତଳକୁ ଆସିବାରେ ସକ୍ଷମ ହୋଇପାରିଥିଲା । ଯଦ୍ୱାରା ଉକ୍ତ ବାଳକଙ୍କ ମଧ୍ୟରୁ ଜଣଙ୍କର ବାହୁ କଟି ଯାଇଥିଲା କିନ୍ତୁ ଯେଉଁମାନେ ଜୀବନ ଦେବା ସହଜ ବୋଲି ମନେ କରିନେଇଥିଲେ ତାଙ୍କ ପାଇଁ ଗୋଟିଏ ବାହୁ ର କଟିଯିବା କିପରି ବାଧକତା ସାଜିଥାନ୍ତା । ସୁତରାଂ ଯେଉଁଭଳି ପର୍ବତ ଉପରୁ ପଥର ଖଣ୍ଡ ଖସିଥାଏ ସେହିପରି ସେହି ଦୁଇ ତରୁଣ ନାବାଳିକ ଅଙ୍ଗରକ୍ଷୀ ପ୍ରହରୀମାନଙ୍କ ଉପରେ ଚାପ ପକାଇ ଅବୁଜହଲ୍ ଉପରେ ଆକ୍ରମଣ କରିଦେଲେ ଏବଂ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ହିଁ ଅବିଶ୍ୱାସକାରୀଙ୍କ ସେନାପତିକୁ ନିହତ କରିଦେଲେ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ କୁହନ୍ତି ଯେ ମୁଁ ଯୁଦ୍ଧର ଶେଷ ମୁହୂର୍ତ ପର୍ଯ୍ୟନ୍ତ ସେଠାରେ ଉପସ୍ଥିତ ଥିଲି ଏବଂ ଅବୁଜହଲ୍‌କୁ ଦେଖିଲି ସେ କ୍ଷତାକ୍ତ ଅବସ୍ଥାରେ ପଡ଼ିରହିଥିଲା ଏବଂ ଶେଷ ନିଶ୍ୱାସ ତ୍ୟାଗ କରୁଥିଲା । ମୁଁ କହିଲି ଅବୁଜହଲ୍ ତୁମେ କେମିତି ଅଛ ? ସେ କହିଲା ମୋର ଶେଷ ସମୟ ଆସିଯାଇଛି କିନ୍ତୁ ଅତ୍ୟନ୍ତ ଉତ୍‌କଣ୍ଠିତ ମନରେ ମରିବାକୁ ଚାହେଁନା । ଯଦିଚ ମରିବାଟା ତ କୌଣସି ବଡ଼ କଥା ନୁହେଁ କିନ୍ତୁ ପରିତାପର ବିଷୟ ଏହି କି ଯେ, ମୋ ମନରେ ଥିବା ଆକାକ୍ଷାଂକୁ ପୂରଣ ହେବା ପୂର୍ବରୁ ହିଁ ଅନ୍‌ସାରର ଦୁଇଜଣ ତରୁଣ ନାବାଳକ ମତେ ମାରିଦେଲେ । ମକ୍କାବାସୀ ଅନ୍‌ସାରମାନଙ୍କୁ ଅତ୍ୟନ୍ତ ହୀନ ବୋଲି ମନେକରୁଥିଲେ ଏଥିପାଇଁ ସେ ଅତ୍ୟନ୍ତ ଅନୁତପ୍ତର ପରିପ୍ରକାଶ କରିବା ସହିତ ଉକ୍ତ ଆକାକ୍ଷାଂର ପରିପ୍ରକାଶ ମଧ୍ୟ କରିଥିଲା ଏବଂ କହିଲା ଯେ ଏହା ହିଁ ମୋ ଜୀବନର ଦୁଃଖ ଯାହାକୁ ମୁଁ ମୋ ମନରେ ନେଇ ଇହଧାମ ପରିତ୍ୟାଗ କରୁଅଛି । ଦୁଇଜଣ ଅନ୍‌ସାରୀ ତରୁଣ ନାବାଳକ ମତେ ମାରିଦେଲେ ପୁନଶ୍ଚ ସେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅଙ୍କୁ କହିଲେ ଯେ, ମୁଁ ଏଭଳି ଭୀଷଣ ଯନ୍ତ୍ରଣାରେ ଛଟପଟ ହେଉଛି ଯାହାକି ଅବର୍ଣ୍ଣନୀୟ ତେଣୁ ତୁମେ ମୋ ଉପରେ ଏକ ଉପକାର କର ଯେ, ମତେ ଖଡ୍ଗ ସାହାଯ୍ୟରେ ପ୍ରହାର କରି ମୋର କାମ ତମାମ୍ କରିଦିଅ କିନ୍ତୁ ଏକଥା ଧ୍ୟାନ ରଖିବ ଯେ, ମୋ ବେକକୁ ଟିକେ ଲମ୍ୱା କରି କାଟିବ କାରଣ ବେକକୁ ଲମ୍ୱା କରିବା ଜେନେରାଲ୍ ହେବାର ଲକ୍ଷଣକୁ ସୁଚାଇଥାଏ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ଅବୁଜହଲ୍‌ର ଉକ୍ତ କଥାକୁ ତ ଗ୍ରହଣ କଲେ ଯେ, ତାକୁ ଜୀବନରୁ ମାରିଦେଲେ ଏବଂ ଦୁଃଖକୁ ଲାଘବ କଲେ କିନ୍ତୁ ତା'ର ଶେଷ ଇଚ୍ଛା ପୂରଣ କଲେ ନାହିଁ ଯେ ବେକକୁ ଲମ୍ୱା କରି କାଟିଦିଆଯାଉ । ସୁତରାଂ ସେ ତା'ର ବେକକୁ ଥୋଡ଼ିର ନିକଟବର୍ତୀ ପାର୍ଶ୍ୱରୁ କାଟିଦେଲେ । ତାହା ଏପରି ମନେ ହେଉଥିଲା ଯେପରି ତା'ର ଅନ୍ତିମ ଇଚ୍ଛା ଓ ଅଭିଳାଷା ମଧ୍ୟ ପୂରଣ କରାଗଲା ନାହିଁ ଯେ ତା'ର ବେକକୁ ଟିକେ ଲମ୍ୱା କରି କଟାଯାଉ ।

*(ତଫସିରେ କବୀର ଖଣ୍ଡ-୮, ପୃ-୧୦୦-୧୦୧)*

ହଜ୍‌ରତ୍ ମସ୍ଲେହ୍ ମଉଦ୍ ବଳୀଦାନ ସମ୍ୱନ୍ଧରେ ଏ ଘଟଣା ଉଲ୍ଲେଖ କରିଛନ୍ତି ଯେ, କେଉଁଭଳି ପିଲାମାନଙ୍କ ମଧ୍ୟରେ ହଜୁର ସ:ଆ:ସଙ୍କ ପ୍ରତି ପ୍ରେମ ତଥା ଅନୁରାଗ ଭରି ରହିଥିଲା ଏବଂ ସେହି ଅବୋଧ ତରୁଣ ନାବାଳକମାନେ ହଜୁର ସ:ଆ:ସଙ୍କ ଶତ୍ରୁଙ୍କ ସହିତ କିଭଳି ପ୍ରତିଶୋଧ ନେବାପାଇଁ ଇଚ୍ଛୁକ ରହିଥିଲା । ଏ ସଂକ୍ରାନ୍ତରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଉକ୍ତ ଘଟଣାରେ ଚର୍ଚ୍ଚା କରିଛନ୍ତି ଏବଂ ଏହି ଘଟଣା ପୂର୍ବେ ମଧ୍ୟ ଥରେ ଦୁଇଥର ଆଲୋଚନା ହୋଇସାରିଛି କିନ୍ତୁ ସେ ଯାହା ହେଉ ନା କାହିଁକି ଏହା ହିଁ ହଜୁର ସ:ଆ:ସଙ୍କ ପ୍ରତି ସାହାବା ଓ ପିଲାମାନଙ୍କର ସେହି ପ୍ରେମ, ଅନୁରାଗ ଓ ଉତ୍ସର୍ଗ ମନୋଭାବ ଯେଉଁ କାରଣରୁ ସେମାନେ ନିଜ ଜୀବନ ଦେବାକୁ ମଧ୍ୟ ପଛଘୁଂଚା ଦେଇନଥିଲେ । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ ର:ଅଙ୍କ ଅବଶିଷ୍ଟ ଚର୍ଚ୍ଚା ଇନ୍‌ଶାଅଲ୍ଲାଃ ତାଲା ଆଗାମି ଖୁତ୍‌ବାରେ ମୁଁ ଆଲୋଚନା କରିବି ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ଏଠିକାର ସ୍ଥାନୀୟ ଡଚ୍ ଭାଷାରେ ଖୁତ୍‌ବା ସହିତ ଅନୁବାଦ ମଧ୍ୟ ଜାରି ରହିଥିଲା । ଖୁତ୍‌ବା ଜୁମା ପରେ ହଜୁର ଅନଓ୍ୱର ଅ:ବ:ଅ ଜୁମା ନମାଜ ସହିତ ଅସର ନମାଜକୁ ଜମା କରି ପଢ଼ାଇଲେ । ନମାଜପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

### ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ)

ଉପରବେଳା ମଧ୍ୟ ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି କାର୍ଯ୍ୟକୁ ସମ୍ପାଦନ କରିବାରେ ରହିଲେ । ପ୍ରୋଗ୍ରାମ ମୁତାବକ ଠିକ୍ ୮ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ପୁରୁଷମାନଙ୍କ ଜଲ୍‌ସାଗାଃରେ ପଦାର୍ପଣ କଲେ ଓ ସେଠାରେ ଆମିନ୍ ଉତ୍ସବ ଆରମ୍ଭ କରାଗଲା । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ନିମ୍ନଲିଖିତ ୨୭ ଜଣ ପିଲାଙ୍କଠାରୁ ପବିତ୍ର କୋରାନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ ।

ଅଜିଜ୍ ଫହଦ୍ ବଶୀର୍ ଚୌଧୁରୀ, ହିଜ୍‌କିଲ୍ ଅହେମଦ୍, ଶାବିଲ୍ ଅହେମଦ୍, ଇଲ୍‌ତେମାଶ୍ ରୌଶନ୍ କୁରେଶି, ଜୁଲ୍‌କଫିଲ୍ କମ୍ପେୟାର୍, ଜୁଲ୍‌କରନୈନ୍ କମ୍ପେୟାର, ମୁହମ୍ମଦ ବାସିଲ୍ ଆରିଫ୍, ଶର୍ଜିଲ୍ ଅହେମଦ୍, ଯମାନ୍ ଚୌଧୁରୀ, ରିଆନ୍ ଚୌଧୁରୀ, ମୁହମ୍ମଦ ଜରିଉଲ୍ଲାଃ, ଅନ୍‌ସର୍ ଅହେମଦ୍, ହସାନ୍ ଅହେମଦ୍, ତାନିସ୍ ଅହେମଦ୍ ବଦର୍, ହାଜିକ୍ ଅହେମଦ୍, ଅହ୍‌ସନ୍ ଅହେମଦ୍, ରିଆନ୍ ଅହେମଦ୍ ସିଦ୍ଧିକ୍, ଜିଶାନ୍ ମୁହମ୍ମଦ୍, ଅତ୍‌ହର୍ ଅହେମଦ୍, ଶାୟାନ୍ ଅହେମଦ୍, ରମିଜ୍ ଅବାସ୍ କାଜି, ମେରାଜ୍ ଅହେମଦ୍ ସାୟାନ୍, ମୋହିଦ୍ ଅହେମଦ୍ ଅକ୍‌ମଲ୍, ଜିଶାନ୍ ଓ୍ୱହିଦ୍, ହସିବ୍ ଅହେମଦ୍, କାମ୍‌ରାନ୍ ଏଜାଜ୍ ଏବଂ ଇମ୍‌ରାନ୍ ଏଜାଜ୍ ।

ଆମିନ୍ ଉତ୍ସବରେ ସାମିଲ ହୋଇଥିବା ଏହି ସୌଭାଗ୍ୟଶାଳୀ ପିଲାମାନେ ହଲାଣ୍ଡର ନିମ୍ନଲିଖିତ ଯମାତ୍‌ଗୁଡ଼ିକରୁ ଆସିଥିଲେ ।

| | |
|---|---|
| Nonspeet | Zwolle |
| Amstelveen | Almere |
| Zoetermeer | Arnhem |
| Maastricht | DenHaag |
| Rotterdam | Eindhoven |

ଆମିନ୍ ଉତ୍ସବ ପରେ ହଜୁର ଅନଓ୍ୱର ଅ:ବ:ଅ ମଗ୍‌ରିବ ଓ ଇଶା ନମାଜ ଯମା କରି ପଢ଼ାଇଲେ ଏବଂ ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

**ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-**

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ସମ୍ମାନୀୟ ସାହାବାମାନଙ୍କର ଆଁ ହଜ୍‌ରତ୍ ସ୍ୱଲଲ୍ଲାହୁ ଆଲୈହେ ଓ୍ୱ ସଲ୍ଲମଙ୍କ ସହିତ ଏପରି ପ୍ରେମଭାବ ଓ ଅନୁରାଗ ଥିଲା ଯେ, ସେମାନେ ନିଜ ଜୀବନର ପରବାଏ ମଧ୍ୟ କରୁନଥିଲେ ।**

**ଅଶ୍‌ରା ମୁବଶିରାଃ (ଅର୍ଥାତ: ଯେଉଁ ଦଶଜଣ ସାହାବାମାନଙ୍କୁ ତାଙ୍କ ଜୀବନକାଳରେ ହିଁ ବୈକୁଣ୍ଠବାସୀ ହେବାର ସୁସମାଚାର ମିଳିଥିଲା) ମଧ୍ୟରେ ସାମିଲ ଥିବା ଆଁ ହଜ୍‌ରତ୍ ସ:ଆ:ସଙ୍କ ମହାନ ବଦରୀ ସାହାବାଗଣ । ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ର:ଅ ଏବଂ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅଙ୍କ ସୁଗୁଣର ଚର୍ଚ୍ଚା ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୧୨ ଜୁଲାଇ ୨୦୨୦ ଅନୁଯାୟୀ ୧୨ ଏହ୍‌ସାନ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ

أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-

اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-

اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ଆଜି ଯେଉଁ ସାହାବିଙ୍କର ଚର୍ଚ୍ଚା କରିବି ସେମାନଙ୍କ ମଧ୍ୟରୁ ଜଣେ ହେଲେ ହଜ୍‌ରତ୍ ସଇଦ୍ ବିନ୍ ଜୈଦ ର:ଅ । ହଜ୍‌ରତ୍ ସଇଦ୍ ବିନ୍ ଜୈଦ ର:ଅଙ୍କ ପିତାଙ୍କ ନାମ ଜୈଦ୍ ବିନ୍ ଉମ୍‌ରୋ ଓ ମାତାଙ୍କ ନାମ ଫାତିମା ବିନ୍‌ତେ ବାଜାଃ ଥିଲା । ତାଙ୍କ ସମ୍ପର୍କ କବିଲା ଅଦି ବିନ୍ କାଆବ୍ ବିନ୍ ନୁଇ ସହିତ ଥିଲା । ତାଙ୍କ କୁନିୟତ୍ ଅବଦୁଲ୍ ଆୱାର୍ ଥିଲା ଏବଂ ଆଉ କେତେକଙ୍କ କହିବା ଅନୁଯାୟୀ ତାଙ୍କ କୁନିୟତ୍ ଅବୁ ସୌର୍ ଥିବାର ବର୍ଣ୍ଣନା ମିଳୁଅଛି । ହଜ୍‌ରତ୍ ସଇଦ୍ ବିନ୍ ଜୈଦ ର:ଅ ଜଣେ ଉଚ୍ଚା ମଣିଷ, ଗହମ ବର୍ଣ୍ଣ ଓ ଘନ କେଶ ବିଶିଷ୍ଟ ବ୍ୟକ୍ତି ଥିଲେ । ସେ ଉମର୍ ବିନ୍ ଖିତାବ୍ ର:ଅଙ୍କ ଚଚାପୁଅ ଭାଇ ଥିଲେ । ତାଙ୍କ ବଂଶର ଚତୁର୍ଥ ପୀଢ଼ି ଶ୍ରୀମାନ ନୁଫୈଲ୍‌ଙ୍କ ମାଧମ ଦେଇ ହଜ୍‌ରତ୍ ଉମର୍ ର:ଅଙ୍କ ସହିତ ମିଳିତ ହେଉଥିଲା ଏବଂ ଅଷ୍ଟମ ପୀଢ଼ୀ ଶ୍ରୀମାନ କାଆବ୍ ବିନ୍ ଲୁଇଙ୍କ ଦ୍ୱାରା ଯାଇ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସହିତ ମିଳିତ ହେଉଥିଲା ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୪୭୬.......... ବେରୁତ ୨୦୦୩)***

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୨୯୨-୨୯୪............ ବେରୁତ ୧୯୯୦) (ରୌଶନ୍ ସିତାରେ, ଗୁଲାମ୍ ବାରି ସୈଫ୍ ଖଣ୍ଡ-୨, ପୃ-୧୫୫)***

ହଜ୍‌ରତ୍ ସଇଦ୍ ବିନ୍ ଜୈଦ ର:ଅଙ୍କ ଭଗିନୀ ଆତ୍‌କାଙ୍କ ବିବାହା ହଜ୍‌ରତ୍ ଉମର୍ ର:ଅଙ୍କ ସହିତ ଓ ହଜ୍‌ରତ୍ ଉମର୍ ର:ଅଙ୍କ ଭଗିନୀ ଫାତିମାଙ୍କ ବିବାହ ହଜ୍‌ରତ୍ ସଇଦ୍ ବିନ୍ ଜୈଦ ର:ଅଙ୍କ ସହିତ ହୋଇଥିଲା । ଇଏ ସେହି ଫାତିମା ର:ଅ ଯେ ହଜରତ ଉମର ର:ଅଙ୍କ ଇସଲାମ ଧର୍ମରେ ଦୀକ୍ଷିତ ହେବାର ମାଧମ ସାଜିଥିଲେ । ହଜ୍‌ରତ୍ ସଇଦ୍ ବିନ୍ ଜୈଦ ର:ଅଙ୍କ ପିତା ଜୈଦ୍ ବିନ୍ ଉମୋର୍ ଇସ୍‌ଲାମ୍‌ର ଆଗମନ ପୂର୍ବରୁ ମଧ୍ୟ ଜଣେ ନୈଷ୍ଟିକ ଏକେଶ୍ୱରବାଦି ଓ ଏକଈଶ୍ୱରଙ୍କ ଆରାଧକ ଥିଲେ ଏବଂ ହଜ୍‌ରତ୍ ଇବ୍ରାହିମଙ୍କ ଧର୍ମର ଅନ୍ୱେଷଣ ଓ ଅନୁଗାମୀ ଥିଲେ ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୪୭୬.......... ବେରୁତ ୨୦୦୩)***

***(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୩୬୮.......... ବେରୁତ ୨୦୦୩)***

ହଜ୍‌ରତ୍ ସଇଦ୍ ବିନ୍ ଜୈଦ ର:ଅଙ୍କ ପିତା କହୁଥିଲେ ଯେ, ହଜ୍‌ରତ୍ ଇବ୍ରାହିମଙ୍କର ଉପାସ୍ୟ ହିଁ ମୋର ଉପାସ୍ୟ ଏବଂ ହଜ୍‌ରତ୍ ଇବ୍ରାହିମଙ୍କ ଧର୍ମରେ ହିଁ ମୁଁ ପ୍ରତିଷ୍ଠିତ । ତେବେ ସେହି ଅନ୍ଧକାରମୟ ଯୁଗରେ ମଧ୍ୟ ଏକଶ୍ୱରବାଦୀ ରହିଥିଲେ । କେତେକ ସମୟରେ ଛୋଟପିଲାମାନେ ପ୍ରଶ୍ନ କରିଦେଇଥାନ୍ତି କି ଇସ୍‌ଲାମ୍‌ର ଆଗମନ ପୁର୍ବରୁ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ କେଉଁ ଧର୍ମାଲମ୍ବୀ ଥିଲେ ଏବଂ ସେ କାହାର ଉପାସନା କରୁଥିଲେ । ସେମାନଙ୍କୁ ଶିଖାଇବାପାଇଁ ଏହା ଦର୍ଶାଇବା ଉଚିତ ଓ ଏକଥା ମନେ ରଖିବା ଉଚିତ ଯେ, ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ତ ସମସ୍ତଙ୍କଠାରୁ ବଳି ସର୍ବଶ୍ରେଷ୍ଠ ଏକେଶ୍ୱରବାଦୀ ଥିଲେ ଏବଂ ଏକ ଓ ଅଦ୍ୱିତୀୟ ପ୍ରଭୁ ପରମେଶ୍ୱରଙ୍କର ଉପାସନା କରୁଥିଲେ, ଆରାଧନା କରୁଥିଲେ ।

ହଜ୍‌ରତ୍ ଜୈଦ୍ ବିନ୍ ଉମୋର୍ ମଧ୍ୟ ସମସ୍ତ ପ୍ରକାର ମିଥ୍ୟା, ବ୍ୟଭିଚାର ତଥା ମୁସ୍‌ରିକ୍ ମାନଙ୍କ ଦ୍ୱାରା ଜେଭ୍ କରାଯାଇଥିବା ପଶୁମାନଙ୍କୁ ଖାଇବାରୁ ନିବୃତ ରହୁଥିଲେ । ଏକଦା ତାଙ୍କର ସାକ୍ଷାତ ହଜୁର ସ:ଆ:ସଙ୍କ ସହିତ ତାଙ୍କ ଅବତାରତ୍ୱର ଉପାଧି ଲାଭ କରିବା ପୂର୍ବରୁ ହୋଇଥିଲା । ଯାହାର ବିସ୍ତାର ବ୍ୟାଖ୍ୟା ସହୀ ବୁଖାରୀରେ ଏପରି ଦରଜ ରହିଛି ଯେ, ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ଉମ୍‌ରୋ ବର୍ଣ୍ଣନା କରନ୍ତି କି ଏକଦା ହଜୁର ସ:ଆ:ସ ହଜରତ ଜୈଦ୍ ବିନ୍ ଉମ୍‌ରୋ ବିନ୍ ନୁଫୈଲ୍‌ଙ୍କ ସହିତ ବଲ୍‌ଦାହ୍ ନାମକ ଉଚ୍ଚାସ୍ଥାନରେ ଭେଟିଲେ ଏବଂ ଉକ୍ତ ଘଟଣାଟି ହଜୁର ସ:ଆ:ସଙ୍କ ନବୁଓ୍ୱତ ଲାଭ କରିବାର ପୂର୍ବର ଅଟେ । ବଲ୍‌ଦା ସ୍ଥାନ ମକ୍କାର ପଶ୍ଚିମ ଦିଗରେ ଅବସ୍ଥିତ ଏକ ଉପତ୍ୟାକା ଯାହାକି ମକ୍କାରୁ ବାହାରକୁ ତମିମ୍ ପଥରେ ଗଲେ ବାଟରେ ପଡ଼ିଥାଏ । ସେ ଯାହା ହେଉ ହଜୁର ସ:ଆ:ସଙ୍କ ନିକଟରେ ସେ ସବୁ ଜିନିଷ ଖାଇବା ପାଇଁ ପରସା ଗଲା କିନ୍ତୁ ହଜୁର ଖାଇବାକୁ ମନା କରିଦେଲେ । ହଜ୍‌ରତ୍ ଜୈଦ୍ ମଧ୍ୟ ଖାଇବାରୁ ନିବୃତ ରହିଲେ କି ମୁଁ ତୁମ ଦ୍ୱାରା ଜେଭ୍ କରାଯାଇଥିବା ମାଂସ ସେବନ କରିବି ନାହିଁ ମୁଁ କେବଳ ସେହି ଖାଦ୍ୟ ସେବନ କରିଥାଏ ଯାହା ଉପରେ ଏକ ଈଶ୍ୱରଙ୍କ ନାମ ନେଇ ଜେଭ୍ କରାଯାଇଥାଏ । ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ପରମେଶ୍ୱରଙ୍କ ବ୍ୟତିତ ଅନ୍ୟର ନାମ ନେଇ ଜେଭ୍ କରାଯାଇଥିବା ଜୀବର ମାଂସ ସେବନ କରିବାକୁ ମନା କରିଦେଇଥିଲେ । ହଜ୍‌ରତ୍ ଜୈଦ୍ ବିନ୍ ଉମ୍‌ରୋ କୁରୈଶ୍ ଦ୍ୱାରା ଦିଆଯାଇଥିବା ଜୀବର ବଳିକୁ ଅପବିତ୍ର ମନେ କରୁଥିଲେ ଏବଂ କହୁଥିଲେ ଯେ ଦେଖ ଛେଳିକୁ ମଧ୍ୟ ପରମେଶ୍ୱର ସୃଷ୍ଟି କରିଛନ୍ତି ଓ ଆକାଶ ମାର୍ଗରୁ ଜଳ ବର୍ଷା କରାଇ ଚାରା ଉତ୍ପନ୍ନ କରିଥାନ୍ତି ଏହା ସତ୍ତ୍ୱେ ତୁମେ କିଭଳି ତାଙ୍କ ବ୍ୟତିତ ଅନ୍ୟର ନାମ ନେଇ ତାହାକୁ ଜେଭ୍ କରୁଅଛ ତେବେ ସେ ଏହି ପ୍ରଥାକୁ ଅପସନ୍ଦ କରୁଥିଲେ ଏବଂ ଏହାକୁ ମହାପାପ ଓ ଘୃଣ୍ୟ ମନେ କରୁଥିଲେ ।

***(ସହି ବୁଖାରୀ........ ହଦିସ୍ ୩୬୨୬) (ଫରହଙ୍ଗ ସିରତ୍ ପୃ-୬୧....... କରାଚି-୨୦୦୩)***

ସେ ଏକ ପରମାତ୍ମାଙ୍କୁ ଛାଡ଼ି ଅନ୍ୟର ଉପାସନାକୁ ବିମୁଖ ପ୍ରଦର୍ଶନ କରି ସତ୍ୟର ସନ୍ଧାନରେ ଅନେକ ଦୂରଦୂରାନ୍ତ ଦେଶର ଭ୍ରମଣ କରିଥିଲେ । ତାଙ୍କର ଏହି ଯାତ୍ରା ସଂକ୍ରାନ୍ତରେ ସହି ବୁଖାରୀରେ ଏକ ବର୍ଣ୍ଣନା ଏପରି ଉଲ୍ଲେଖିତ ରହିଛି ।

ହଜ୍‌ରତ୍ ଇବ୍‌ନେ ଉମ୍‌ର୍ କୁହନ୍ତି ଜୈଦ୍ ବିନ୍ ଉମ୍‌ରୋ ସଦ୍‌ଧର୍ମର ସନ୍ଧାନରେ ସିରିଆ ଅଭିମୁଖେ ଯାତ୍ରା କଲେ ଏବଂ ସେଠାରେ ଜଣେ ଇହୁଦୀ ବିଦ୍ୱାନ ସହ ସାକ୍ଷାତ କଲେ । ସେ ତାଙ୍କୁ ତାଙ୍କ ଧର୍ମ ପ୍ରସଙ୍ଗରେ ପ୍ରଶ୍ନ କଲେ କି ମତେ କୁହ ସମ୍ଭବତଃ ମୁଁ ତୁମ ଧର୍ମଅବଲମ୍ବନ କରିନେବି । ଏଥିରେ ସେ କହିଲେ ଆମ ଧର୍ମ ତ ମୂଳବସ୍ଥାରେ ରହିନାହିଁ ଏହା ପରିବର୍ତନ ହୋଇଯାଇଛି ତୁମେ ଏହାର ଅନୁଗାମୀ ହୋଇ କାହିଁ ପ୍ରଭୁଙ୍କ କୋପର ଭାଗିଦାର ହେବ ଜୈଦ୍ କହିଲେ ମୁଁ ତ ପ୍ରଭୁଙ୍କ ଅଭିଷାପରୁ ମୁକ୍ତି ଲୋଡୁଅଛି ଏବଂ କଦାପି ଚାହୁଁନାହିଁ ଯେ, ତାଙ୍କୁ ଅତିଷ୍ଟ କରିଦିଏ । କାରଣ ମୁଁ କଦାପି ତାଙ୍କ କ୍ରୋଧ ବରଦାସ୍ତ କରିପାରିବି ନାହିଁ ମୋର ସେ କ୍ଷମାତ ହିଁ ନାହିଁ । ପୁନଶ୍ଚ ସେ ତାଙ୍କୁ ପ୍ରଶ୍ନ କଲେ ତେବେ କଣ ତୁମେ ମତେ ସତ୍‌ପଥର ସନ୍ଧାନ ଦେଇପାରିବ । ସେ କହିଲେ ମୁଁ ତ ଜଣେ ମାନବ ଏବଂ ଏକେଶ୍ୱରବାଦରୀ ଅର୍ଥାତ ହନିଫ୍ ଅଟେ । ଜୈଦ୍ ପଚାରିଲେ ହନିଫ୍ ଅର୍ଥ କଣ ? ସେ କହିଲେ ଏହାର ଅର୍ଥ ଇବ୍ରାହିମଙ୍କ ଧର୍ମ, ସେ ନା ୟହୁଦୀ ନା ନସ୍‌ରାନି (ଅର୍ଥାତ ଖ୍ରୀଷ୍ଟଧର୍ମାଲମ୍ବୀ) ସେ କେବଳ ଏକ ପରମାତ୍ମାଙ୍କ ପୁଜକ ଥିଲେ ଅର୍ଥାତ ହଜ୍‌ରତ୍ ଇବ୍ରାହିମ୍ ତାହାପରେ ସେଠାରୁ ଜୈଦ୍ ଚାଲିଆସିଲେ ଏବଂ ଜଣେ ଖ୍ରୀଷ୍ଟଧର୍ମାଲମ୍ବୀ ବିଦ୍ୱାନଙ୍କୁ ଭେଟି ତାଙ୍କୁ ମଧ୍ୟ ସେହି ସମାନ କଥା ପଚାରିଥିଲେ । ସେ ମଧ୍ୟ ତାଙ୍କୁ ସମାନ ଉତର ଦେଲେ ଯେ, ତୁମେ ଆମର ଧର୍ମ କଦାପି ଅବଲମ୍ବନ କରନାହିଁ । ନଚେତ ତୁମେ ପରମେଶ୍ୱରଙ୍କ ଅଭିଷାପରୁ

ଭାଗ ନେବ । ଜୈଦ୍ କହିଲେ ମୁଁ ତ ପ୍ରଭୁଙ୍କ ଅଭିଷାପରୁ ମୁକ୍ତି ଲୋଡୁଅଛି ଏବଂ କଦାପି ଏ କାମନା କରୁନାହିଁ କି ତାଙ୍କୁ ଅତିଷ୍ଟ କରିଦିଏ । କାରଣ ମୁଁ କଦାପି ତାଙ୍କ କ୍ରୋଧ ବରଦାସ୍ତ କରିପାରିବି ନାହିଁ ମୋର ସେ କ୍ଷମତା ହିଁ ନାହିଁ । ତା'ପରେ ସେଠାରୁ ସେ ବାହାରି ଆସି ନିଜର ଦୁଇ ହସ୍ତ ଉପରକୁ ଉଠାଇ କହିଲେ ହେ ପ୍ରଭୁ ମୁଁ ତୁମ ସମ୍ମୁଖରେ ସାକ୍ଷ୍ୟ ଦେଉଛି ଯେ, ମୁଁ ଇବ୍ରାହିମ୍‌ଙ୍କ ଧର୍ମର ଅନୁଗାମୀ ଅଟେ । ***(ସହି ବୁଖାରୀ........ ହଦିସ୍ ୩୬୨୭)***

ଯେତେବେଳେ ସେ ହଜୁର ସ:ଆ:ସଙ୍କ ସମୟ ପାଇଲେ ଅର୍ଥାତ ହଜୁର ସ:ଆ:ସଙ୍କ ଆବିର୍ଭାବ ହେବା ପୂର୍ବରୁ ହିଁ ତାଙ୍କର ନିଧନ ହୋଇଯାଇଥିଲା । ହଜ୍‌ରତ୍ ଆମିର୍ ବିନ୍ ରବିୟା ବର୍ଣ୍ଣନା କରନ୍ତି, ଜୈଦ୍ ବିନ୍ ଉମ୍‌ରୋ ର:ଅ ସତ୍‌ଧର୍ମର ଅନୁସନ୍ଧାନରେ ରହିଥିଲେ ନା ସେ ଖ୍ରୀଷ୍ଟଧର୍ମାଲମ୍ବୀ ଥିଲେ ନା ୟହୁଦୀ ଧର୍ମାଲମ୍ବୀ ନା ହିଁ ପ୍ରତିମା ପୂଜକ ଥିଲେ । ବରଂ ପ୍ରତିମା ପୂଜା କରିବାରେ ସେ ନିଜ ଗୋଷ୍ଠୀ ସମୂହର ବିରୋଧ ପ୍ରଦର୍ଶନ କରୁଥିଲେ ଯାହାର ତାଙ୍କ ବାପା ଅଜା ଉପାସନା କରିଆସୁଥିଲେ । ବରଂ ତାହାର ଦୃଢ଼ ପ୍ରତିବାଦ କରିଥିଲେ ଓ ସେମାନଙ୍କ ନାମରେ କଟା ଯାଉଥିବା ପଶୁମାନଙ୍କର ମାଂସ ମଧ୍ୟ ସେବନ କରୁନଥିଲେ । ଏକଦା ସେ ମତେ କହିଲେ, ହେ ଆମିର୍ ! ମୋର ନିଜ ସମ୍ପ୍ରଦାୟ ସହିତ ଭିନ୍ନ ମତ ରହିଛି ମୁଁ ଇବ୍ରାହିମ୍‌ଙ୍କ ଧର୍ମର ଅନୁଗାମୀ ଅଟେ । ଯାହାର ଇବ୍ରାହିମ୍ ଓ ଇସ୍‌ମାଇଲ୍ ଉପାସନା କରୁଥିଲେ ମୁଁ ତାଙ୍କର ଉପାସନା କରୁଅଛି । ମୁଁ ଇସ୍‌ମାଇଲ୍‌ଙ୍କ ବଂଶଧର ମଧ୍ୟରୁ ଜଣେ ଅବତାରଙ୍କ ପ୍ରତିକ୍ଷାରେ ରହିଛି କିନ୍ତୁ ସମ୍ଭବତଃ ମୋର ମନେ ହେଉଛି କି ମୁଁ ତାଙ୍କର ସମୟ ଲାଭ କରିପାରିବି ନାହିଁ କି ତାଙ୍କର ଅନୁଗାମୀ ମଧ୍ୟରେ ସାମିଲ ହୋଇଯିବି । ତାଙ୍କର ସତ୍ୟ ହେବାର ସାକ୍ଷ୍ୟ ଦେବି କି ସେ ଜଣେ ସତ୍ୟବାଦୀ ନବୀ ଅଟନ୍ତି । ହେ ଆମିର୍ ଯଦି ତୁମେ ତାଙ୍କର ସମୟ ପାଅ ତେବେ ମୋର ସଲାମ୍ ତାଙ୍କୁ ପହଂଚାଇ ଦେବ । ଆମିର୍ କୁହନ୍ତି ଯେତେବେଳେ ହଜୁର ସ:ଆ:ସଙ୍କ ଆର୍ବିଭାବ ହେଲା ସେତେବେଳେ ମୁଁ ମୁସଲମାନ ହୋଇ ତାଙ୍କ ଅନୁଗାମୀଙ୍କ ମଧ୍ୟରେ ସାମିଲ ହୋଇଗଲି ଏବଂ ଜୈଦ୍ ବିନ୍ ଉମ୍‌ରୋ ର:ଅଙ୍କ ବାର୍ତା ହଜୁର ସ:ଆ:ସଙ୍କ ନିକଟରେ ପହଂଚାଇ ତାଙ୍କର ସଲାମ ଜଣାଇଲି । ହଜୁର ସ:ଆ:ସ ସଲାମ୍‌ର ଉତର ଦେଲେ ଏବଂ ପ୍ରଭୁ ତାଙ୍କ ସହ ଅର୍ଥାତ ଜୈଦ୍ ବିନ୍ ଉମ୍‌ରୋ ର:ଅଙ୍କ ସହ ଦୟା ପରବେଶ ହେବାର ଦୁଆ ପ୍ରାର୍ଥନା କଲେ । ତଥା କହିଲେ ମୁଁ ତାଙ୍କୁ ବୈକୁଣ୍ଠରେ ଏପରି ଅବସ୍ଥାରେ ଦେଖୁଛି ଯେପରି ସେ ନିଜ ପଣତରେ ତାହାକୁ ସାଉଁଟୁଛନ୍ତି ।

***(ରୌଶନ୍ ସିତାରେ.......... ଖଣ୍ଡ-୨, ପୃ-୧୫୬) (ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୨୯୦........... ବେରୁତ ୧୯୯୦)***

ସେ ନିଜର ଏକଶ୍ୱରବାଦୀତ୍ୱରେ ବେଶ୍ ଗର୍ବିତ ଥିଲେ । ହଜ୍‌ରତ୍ ଅସ୍‌ମା ବିନ୍‌ତେ ଅବୁବକର ବର୍ଣ୍ଣନା କରନ୍ତି, ଅନ୍ଧକାରମୟ ଯୁଗରେ ଏକଦା ମୁଁ ଜୈଦ୍ ବିନ୍ ଉମ୍‌ରୋ ର:ଅଙ୍କୁ ଦେଖିଲି କି ସେ କାବା ସହିତ ନିଜ ପୃଷ୍ଠଦେଶକୁ ସଲଗ୍ନ କରି ଦଣ୍ଡାୟମାନ ହୋଇଥିଲେ ଏବଂ କହୁଥିଲେ ହେ କୁରୈଶ୍ ! ପ୍ରଭୁଙ୍କ ରାଣ ମୋ ବ୍ୟତିତ ତୁମମାନଙ୍କ ମଧ୍ୟରୁ ଜଣେ ହେଲେ ମଧ୍ୟ ଇବ୍ରାହିମଙ୍କ ଧର୍ମର ଅନୁଗାମୀ ନୁହଁ । କୁରୈଶ୍‌ଙ୍କ ଅତି ଘୃଣ୍ୟ ପ୍ରଥା ଅର୍ଥାତ କନ୍ୟାମାନଙ୍କୁ ଜୀବିତ ଭୁଗର୍ଭରେ ପୋତିଦେବାର ନିଜ ହସ୍ତକୁ କଳୁଶିତ କରିନଥିଲେ ବରଂ ଯେଉଁବ୍ୟକ୍ତି ଏପରି କରିବାର ତାଙ୍କୁ ସୁଚନା ମିଳୁଥିଲା ସେ ଯଥା ସମ୍ଭବ ସେଠାରେ ପହଂଚି ତାକୁ କହୁଥିଲେ କି ତାହାକୁ ମାରନାହିଁ ମୁଁ ତାହାର ସମସ୍ତ ଖର୍ଚ୍ଚ ବହନ କରିବି ଅର୍ଥାତ ସେ ଛୁଆର ମୁଁ ସମସ୍ତ ଖର୍ଚ୍ଚ ବହନ କରିବି । ଅତଏବ ସେ ସେଇ ଶିଶୁକନ୍ୟାକୁ ନିଜ ସାଥିରେ ନେଇ ଆସୁଥିଲେ ଏବଂ ତାହାର ଲାଳନପାଳନ କରୁଥିଲେ । ଯେତେବେଳେ ସେ ଯୌବନ ଅବସ୍ଥାରେ ପାଦ ଦେଉଥିଲା । ସେତେବେଳେ ତାହାର ପିତାକୁ ଡ଼କାଇ କହୁଥିଲେ ଯଦି ତୁମେ ଇଚ୍ଛା କର ତେବେ ମୁଁ ତାହାକୁ ତୁମ ହସ୍ତରେ ଟେକି ଦେବି । ନଚେତ ମୁଁ ତା'ର କନ୍ୟାଦାନ କରି ତାହାର ବିବାହ ସମ୍ପନ୍ନ କରିବି । ***(ସହୀ ବୁଖାରୀ......... ହଦିସ୍ ୩୮୨୮)***

ଅସ୍‌ମା କୁହନ୍ତି ପ୍ରଥମ ବର୍ଣ୍ଣନା ବୁଖାରୀର ଅଟେ ଏବଂ ଏହି ସମାନ ବର୍ଣ୍ଣନା ଆଉ ଏକ ଢ଼ଙ୍ଗରେ ଅସଦୁଲ୍ ଗାବାଃରେ ଏପରି ବର୍ଣ୍ଣିତ ରହିଛି କି ଏକଦା ମୁଁ ଜୈଦ୍ ବିନ୍ ଉମ୍‌ରୋ ର:ଅଙ୍କୁ ଦେଖିଲି ଯେତେବେଳେ ସେ କାବାରେ ନିଜ ପୃଷ୍ଠଦେଶକୁ ସଲଗ୍ନ କରି ଦଣ୍ଡାୟମାନ ଥିଲେ ଏବଂ କହୁଥିଲେ ହେ କୁରୈଶ୍‌ର ଲୋକେ ସେହି ମହାପ୍ରଭୁଙ୍କ ରାଣ ଯାହା ହସ୍ତରେ ମୋର ଜୀବନ ନାଟିକା ରହିଛି ମୋ ବ୍ୟତିତ ତୁମମାନଙ୍କ ମଧ୍ୟରୁ ଜଣେ ହେଲେ ମଧ୍ୟ ଇବ୍ରାହିମଙ୍କ ଧର୍ମରେ ପ୍ରାପ୍ତ କଲନାହିଁ । ସମ୍ଭବତଃ ମୁଁ ତାଙ୍କର ଆରାଧନାର ସଠିକ୍ ଶୈଳୀ ଜାଣିନାହିଁ ତେମେ ମୁଁ ନିଶ୍ଚିତରୂପେ ତାଙ୍କର ଉପାସନା କରିଥାନ୍ତି କିନ୍ତୁ ଦୁଃଖଦ ତାହା ମୁଁ ଜାଣିନାହିଁ ତା'ପରେ ସେ ନିଜ ହସ୍ତ ଉପରେ ମଥା ରଖି ନତମସ୍ତକ ହୋଇଯାଇଥିଲେ ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୩୬୯-୩୭୦.......... ବେରୁତ ୨୦୦୩)***

ସଇଦ୍ ବିନ୍ ମୁସେବ ର:ଅ ବର୍ଣ୍ଣନା କରନ୍ତି କି ଜୈଦ୍ ବିନ୍ ଉମ୍‌ରୋଙ୍କ ନିଧନ ହୁଜର ସ:ଆ:ସଙ୍କ ଆର୍ବିଭାବ ହେବାର ପଂଚ ବର୍ଷ ପୂର୍ବରୁ ହୋଇଯାଇଥିଲା । ସେତେବେଳେ କୁରୈଶ୍ ଖାନାକାବାର ପୂର୍ନନିର୍ମାଣ କରୁଥିଲେ । ଯେତେବେଳେ ସେ ଦେହ ତ୍ୟାଗ କଲେ ସେତେବେଳେ ଏହି କଥା କହୁଥିଲେ କି ମୁଁ ଇବ୍ରାହିମଙ୍କ ଧର୍ମ ଉପରେ ପରିଚାଳିତ ।

ତେବେ ସଇଦ୍ ବିନ୍ ଜୈଦ୍‌ଙ୍କର ଆଲୋଚନାରେ ତାଙ୍କ ପିତାଙ୍କର ଏହି ସଂକ୍ଷିପ୍ତ ଚର୍ଚ୍ଚା ହୋଇଗଲା । ସେ ଯାହା ହେଉ ପିତାଙ୍କର ପୂଣ୍ୟ ପୁତ୍ରକୁ ମିଳିଲା ଏବଂ ଇତିହାସ ପୃଷ୍ଠାରେ ଏ ସବୁ ସୁରକ୍ଷିତ ଭାବରେ ଦରଜ ରହିଛି ଯାହା ମୁଁ ଆଲୋଚନା କରି ଆସିଲି ଏବଂ ସହି ବୁଖାରୀରେ ମଧ୍ୟ ଏହି ବର୍ଣ୍ଣନା ରହିଛି ଯେ, ଯାହା ହେଉ ବର୍ତମାନ ମୁଁ ହଜ୍‌ରତ୍ ସଇଦଙ୍କ ବାକି ଚର୍ଚ୍ଚା କରିବି ।

ଏକଦା ସଇଦ୍ ବିନ୍ ଜୈଦ୍ ଓ ଉମର୍ ବିନ୍ ଖିତାବ୍ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ନିଜ ପିତା ଜୈଦ୍ ବିନ୍ ଉମ୍‌ରୋଙ୍କ ସମ୍ବନ୍ଧରେ ପଚାରିଲେ । ହଜୁର ସ:ଆ:ସ କହିଲେ ପ୍ରଭୁ ଜୈଦ୍ ବିନ୍ ଉମ୍‌ରୋଙ୍କ ସହ ଦୟା ଆଚରଣ କରନ୍ତୁ । ତାଙ୍କର ମୃତ୍ୟୁ ଇବ୍ରାହିମଙ୍କ ଧର୍ମ ଅନୁସରଣ କରିବାରେ ହୋଇଛି । ଏଥିଅନ୍ତେ ମୁସଲମାନମାନେ ଯେତେବେଳେ ତାଙ୍କ ଚର୍ଚ୍ଚା କରନ୍ତି ସେତେବେଳେ ତାଙ୍କ ପାଇଁ ଦୁଆ ଓ କ୍ଷମା ଯାଚନା କରନ୍ତି ।

***(ରୌଶନ୍ ସିତାରେ.......... ଖଣ୍ଡ-୨, ପୃ-୧୫୬-୧୫୭) (ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୨୯୧........... ବେରୁତ ୧୯୯୦)***

ଆଉ ଏକ ବର୍ଣ୍ଣନା ଅନୁଯାୟୀ ଯେତେବେଳେ ହଜୁର ସ:ଆ:ସଙ୍କୁ ଜୈଦ୍ ବିନ୍ ଉମ୍‌ରୋଙ୍କ ସମ୍ବନ୍ଧରେ ପଚରାଗଲା ସେତେବେଳେ ହଜୁର ସ:ଆ:ସ କହିଲେ କୟାମତ ଦିନ ସେ ଏକାକି ଗୋଟିଏ ସମ୍ପ୍ରଦାୟ ସମାନ ଉପରକୁ ଉଠାହେବେ ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୩୬୮.......... ବେରୁତ ୨୦୦୩)***

ଯେପରିକି ପୂର୍ବେ ଚର୍ଚ୍ଚା ହୋଇଥିଲା ଯେ ହଜ୍‌ରତ୍ ସଇଦ୍ ହଜ୍‌ରତ୍ ଉମର୍‌ଙ୍କର ଭିଣେଇ ଥିଲେ ଓ ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍‌ଙ୍କର ବଡ଼ ଭଉଣୀ ଆତ୍‌କା ବିନ୍‌ତେ ଜୈଦ୍ ହଜ୍‌ରତ୍ ଉମର୍ ର:ଅଙ୍କ ସହଧର୍ମୀଣି ଥିଲେ । ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ଓ ତାଙ୍କ ପତ୍ନୀ ଫାତିମା ର:ଅ ଇସ୍‌ଲାମ୍‌ର ପ୍ରାରମ୍ଭିକ ପ୍ରଯ୍ୟାୟରେ ହିଁ ମୁସଲମାନ ଧର୍ମ ଗ୍ରହଣ କରିନେଇଥିଲେ ଅର୍ଥାତ ହଜୁର ସ:ଆ:ସଙ୍କ ଦାରେ ଅର୍‌କମ୍‌ରେ ପ୍ରବେଶ କରିବା ପୂର୍ବରୁ ହିଁ ସେମାନେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଯାଇଥିଲେ ଏବଂ ହଜ୍‌ରତ୍ ସଇଦ୍ ର:ଅଙ୍କ ପତ୍ନୀଙ୍କ ଜରିଆରେ ହଜ୍‌ରତ୍ ଉମର୍ ର:ଅ ଇସ୍‌ଲାମ୍ ଗ୍ରହଣ କରିଥିଲେ ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୪୭୬.......... ବେରୁତ ୨୦୦୩)***
***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୨୯୨........... ବେରୁତ ୧୯୯୦)***

ହଜ୍‌ରତ୍ ଉମର୍ ର:ଅଙ୍କ ମୁସଲମାନ ହେବାର ଘଟଣା ପୂର୍ବ ଖୁତ୍‌ବାରେ ହଜ୍‌ରତ୍ ଖବାବ୍ ବିନ୍ ଅରତ୍ୱ ଜୀବନି ଚର୍ଚ୍ଚାରେ ଆଲୋଚନା ହୋଇସାରିଛି ତଥାପି ଏଠାରେ ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ର:ଅଙ୍କ ଜୀବନି ଚର୍ଚ୍ଚାରେ ସଂକ୍ଷିପ୍ତ ବର୍ଣ୍ଣନା କରିଦେଉଛି । ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ସିରତ୍ ଖାତ୍‌ମୁନ୍ ନବିଇନ୍‌ରେ ଉଲ୍ଲେଖ କରିଛନ୍ତି, ହଜ୍‌ରତ୍ ହମ୍‌ଜା ଇସଲାମ୍ ଧର୍ମରେ ଦିକ୍ଷୀତ ହେବାକୁ ମାତ୍ର କିଛି ଦିନ ହୋଇଥିବ କି ଐଶ୍ୱରର୍ଯ୍ୟମୟ ପ୍ରଭୁ ମୁସଲମାନମାନଙ୍କୁ ଆଉ ଏକ ଅତି ଆନନ୍ଦର ଅବସର ପ୍ରଦାନ କଲେ । ଅର୍ଥାତ ହଜ୍‌ରତ୍ ଉମର୍ ଯିଏ କି ଇସ୍‌ଲାମ୍‌ର କଠୋର ଶତ୍ରୁ ଓ ବିରୋଧି ଥିଲେ, ମୁସଲମାନ ହୋଇଗଲେ, ହଜ୍‌ରତ୍ ଉମର୍ ର:ଅଙ୍କ ସ୍ୱଭାବରେ କଠୋରତା ରହିଥିଲା କିନ୍ତୁ ଇସଲାମ୍‌ର ଶତ୍ରୁତା ତାଙ୍କୁ ଏହି ପ୍ରବୃତିରେ ଆହୁରି ଅଧିକ ବଢ଼ାଇଦେଇଥିଲା । ଅତଏବ ସେ ଗରୀବ ଅସହାୟ ଓ ସରଳ ମୁସଲମାନମାନଙ୍କୁ ଅତି କ୍ରୁର, ନିଷ୍ଠୁର ରୂପେ କସଣ ତଥା ନିର୍ଯ୍ୟାତନା ଦେଉଥିଲେ । ଏକଦା ତାଙ୍କ ମନରେ ହେଜ ପଶିଲା କି ଏମାନଙ୍କୁ ତ ଯେତେ କଷ୍ଟ ଦେଲେ ସେମାନେ ନିଜ ବିଶ୍ୱାସକୁ ହାତଛଡ଼ା କରୁନାହାନ୍ତି ଏବଂ ଦୃଢ଼ତାର ସହିତ ନିଜ ବିଶ୍ୱାସରେ ପ୍ରତିଷ୍ଠିତ ରହିଛନ୍ତି । ତେବେ କାହିଁକି ଏ ସମସ୍ତ କଳହର ମଞ୍ଜି ଅର୍ଥାତ ଇସ୍‌ଲାମ୍‌ର ସଂସ୍ଥାପକକୁ ହିଁ ହତ୍ୟା କରି ସମସ୍ତ ସମସ୍ୟାର ସମାଧାନ କରିନଦେବା । ଏହି ଉଦ୍ଦେଶ୍ୟ ନେଇ ସେ ଘରୁ ବାହାରିଲେ ରାସ୍ତାରେ ତାଙ୍କୁ ଜଣେ ମୁକୁଳା ଖଡ୍ଗଧାରଣ କରିବା ଅବସ୍ଥାରେ ଦେଖି ପଚାରିଲା ଉମର୍ କୁଆଡ଼େ ଯାଉଛ ? ସେ ଉତର ଦେଲେ ମୁହମ୍ମଦ ସ:ଆ:ସଙ୍କ କାମ ତମାମ୍ କରିବାକୁ । ପୁନଶ୍ଚ ସେ କହିଲେ ତୁମେ ତାକୁ ହତ୍ୟା କରି ବନୁ ଅବ୍‌ଦୁଲ୍ଲ ମୁନାଫ୍‌ଙ୍କ କବଳରୁ ସୁରକ୍ଷିତ ରହିପାରିବ, ଟିକିଏ ନିଜ ଘରର ତ ଖବର ନିଅ ତୁମ ଭଉଣୀ ଓ ଭିଣୋଇ ମୁସଲମାନ ହୋଇଗଲେଣି । ଏହା ଶୁଣି ହଜ୍‌ରତ୍ ଉମର୍ ସଙ୍ଗେ ସଙ୍ଗେ ନିଜର ମାର୍ଗ ପରିବର୍ତନ କରିନେଲେ ଓ ଭଗିନୀ ଫାତିମାଙ୍କ ଘର ଆଡ଼କୁ ଚାଲିଲେ । ଯେତେବେଳେ ଘର ନିକଟରେ ପହଂଚିଲେ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।'' *(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

**ତାଲିବେ ଦୁଆ:** *Abdur Rahman Khan & Family, Jamat Ahmadiyya, Pankal (Odisha)*

ସେତେବେଳେ ଭିତରୁ ପବିତ୍ର କୋରାନ୍ ଆବୃତି କରାଯିବାର ସ୍ୱର ଶୁଣିଲେ ଯାହାକି ହଜ୍‌ରତ୍ ଖବାବ୍ ର:ଅ ଆବୃତି କରୁଥିଲେ । ଏହା ଶୁଣି ତାଙ୍କ କ୍ରୋଧ ଆହୁରି ଉଗ୍ର ଓ ଜର୍ଜରିତ ହୋଇ ଉଠିଲା ତେଣୁ ସେ ତିବ୍ରତାର ସହ ଘରେ ପ୍ରବେଶ କଲେ କିନ୍ତୁ ତାହା ପୂର୍ବରୁ ଖବାବ୍ ର:ଅ କେଉଁଆଡ଼େ ଲୁଚିଗଲେ ଏବଂ ଫାତିମା କୋରାନ୍‌ର ନଥିପତ୍ରମାନ ଲୁଚାଇଦେଲେ । ହଜ୍‌ରତ୍ ଉମର୍ ର:ଅ ଘରେ ଦାଖଲ ହୋଇ ଚିତ୍କାର କରି କହିଲେ, ମୁଁ ଶୁଣିବାକୁ ପାଇଲି କି ତୁମେ ନିଜ ଧର୍ମ ପରିବର୍ତନ କରିଦେଇଛ ଏବଂ ଏଥି ସହିତ ନିଜ ଭିଣୋଇ ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍‌ଙ୍କ ସହ ଲଢ଼ିବାକୁ ଲାଗିଲେ କିନ୍ତୁ ଫାତିମା ନିଜ ସ୍ୱାମୀଙ୍କୁ ରକ୍ଷା କରିବାପାଇଁ ସେମାନଙ୍କ ମଧ୍ୟକୁ ଚାଲିଆସିଲେ ଯଦ୍ୱାରା ସେ ମଧ୍ୟ କ୍ଷତାକ୍ତ ହେଲେ ଏବଂ ସେ ଅତି ଦମ୍ଭ ଓ ସାହାସର ସହିତ କହିଲେ ଉମର୍ ଆମେ ମୁସଲମାନ ହୋଇସାରିଛୁ । ବର୍ତମାନ ତୁମ ଦ୍ୱାରା ଯାହା ସମ୍ଭବ କରିନିଅ । କିନ୍ତୁ ଜାଣିରଖ ଆମେ ଇସ୍‌ଲାମ୍ ଧର୍ମ ଛାଡ଼ିବୁ ନାହିଁ, ହଜ୍‌ରତ ଉମର୍‌ଙ୍କ ସ୍ୱଭାବରେ କଠୋରତା ଥିଲା ସତ କିନ୍ତୁ ଇତିମଧ୍ୟରେ କୌଣସି କୋଣରେ ପ୍ରେମ ଓ ନମ୍ରତା ମଧ୍ୟ ଲୁଚି ରହିଥିଲା । ଯାହାକି କେତେକ ସମୟରେ ନିଜ ଝଲକ ଦେଖାଉଥିଲା । ନିଜ ଭଉଣୀର ଦମ୍ଭିଲା ଓ ସାହାସପୂର୍ଣ୍ଣ ଉକ୍ତି ଶୁଣି ଯେତେବେଳେ ନଜର ଉଠାଇ ଦେଖିଲେ ସେତେବେଳେ ତାଙ୍କୁ ରକ୍ତ ରଞ୍ଜିତ ପାଇଲେ ଅର୍ଥାତ ଭଉଣୀଙ୍କୁ । ଏହି ଦୃଶ୍ୟ ଉମର୍‌ଙ୍କ ହୃଦୟରେ ଏକ ବିଶେଷ ପ୍ରଭାବ ପକାଇଲା କିଛି କ୍ଷଣ ନୀରବ ରହିବାପରେ ଭଉଣୀଙ୍କୁ କହିଲେ ଆଛା ମତେ ସେହି ନଥିପତ୍ର ଦେଖାଅ ଯାହା ତୁମେ ପାଠ କରୁଥିଲ । ପ୍ରତି ଉତରରେ ଫାତିମା କହିଲେ ମୁଁ ତାହା ତୁମକୁ କଦାପି ଦେଖାଇବି ନାହିଁ କାରଣ ତୁମେ ତାହାକୁ ନଷ୍ଟ କରିଦେବ । ଉମର୍ ଉତର ଦେଲେ ନା ମୁଁ ଏପରି କରିବି ନାହିଁ ମତେ ଦେଖାଅ ମୁଁ ଦେଖି ତୁମକୁ ଫେରସ୍ତ କରିଦେବି । ଫାତିମା ପୁନଶ୍ଚ କହିଲେ ତୁମେ ଅପବିତ୍ର ଅଛ ଏବଂ ପବିତ୍ର କୋରାନ୍‌କୁ ପବିତ୍ର ଅବସ୍ଥାରେ ସ୍ପର୍ଶ କରିବା ଉଚିତ । ତେଣୁ ତୁମେ ପ୍ରଥମେ ସ୍ନାନ କରି ଆସ ତା'ପରେ ଯାଇ ମୁଁ ତୁମକୁ ଉକ୍ତ ନଥିପତ୍ର ଦେଖାଇବି ।

ହଜ୍‌ରତ୍ ମିର୍ଜା ବଶୀର୍ ଅହେମଦ୍ ସାହେବ ଉଲ୍ଲେଖ କରନ୍ତି, ଏପରି କହିବାର ସମ୍ଭବତଃ ଫାତିମାଙ୍କ ଉଦ୍ଦେଶ୍ୟ ଏହା ଥିଲା କି ସ୍ନାନ କରିବା ଦ୍ୱାରା ଉମର୍‌ଙ୍କ କ୍ରୋଧ ଶାନ୍ତ ପଡ଼ିଯିବ ଏବଂ ସେ ଥଣ୍ଡା ମନର ସହ ଉକ୍ତ ପଂକ୍ତି ଉପରେ ଚିନ୍ତନ କରିବେ । ତେବେ ଯେତେବେଳେ ସେ ସ୍ନାନ କରିଆସିଲେ ଫାତିମା ତାଙ୍କୁ ଉକ୍ତ ନଥିପତ୍ର କାଢ଼ିଦେଲେ । ଯାହାକି ସୁରେ ତାହାର ପ୍ରାରମ୍ଭିକ ପଂକ୍ତିମାନ ଥିଲା । ହଜ୍‌ରତ୍ ଉମର୍ ତାହାକୁ ଏକ ପ୍ରଭାବିତ ହୃଦୟର ସହିତ ଅଧ୍ୟୟନ କରିବା ଆରମ୍ଭ କଲେ ଏବଂ ତାହାର ଗୋଟି ଗୋଟି ଶବ୍ଦ ତାଙ୍କ ହୃଦୟରେ ବସା ବାନ୍ଧିଗଲା । ଯେତେବେଳେ ସେ ଏହି ପଂକ୍ତିରେ ପହଂଚିଲେ ଅର୍ଥାତ **ଇନ୍ନନି ଅନଲ୍ଲାହୁ ଲା ଇଲାହା ଇଲ୍ଲା ଅନା ଫାବୁଦୁନି ୱ ଅକିମିସ୍ ସଲାତା ଲି ଜିକ୍‌ରି । ଇନ୍ନସ୍ ସାଅତା ଆତିୟତୁନ୍ ଅକାଦୁ ଉଖ୍‌ଫିହା ଲି ତୁଜ୍‌ଜା କୁଲ୍ଲୁ ନଫ୍‌ସିନ୍ ବିମା ତସ୍‌ଆ** ***(ତାହା: ୧୫-୧୬)*** ଅର୍ଥାତ ଆମ୍ଭେ ବାସ୍ତବରେ ଅଲ୍ଲାଃ ଅଟୁ ଆମ୍ଭ ବ୍ୟତିତ ଅନ୍ୟ କେହି ଉପାସ୍ୟ ନାହିଁ ସୁତରାଂ ତୁମ୍ଭେ ଆମ୍ଭର ହିଁ ଉପାସନା କର ଏବଂ ଆମ୍ଭର ସ୍ମରଣ ସକାଶେ ନମାଜ ପାଠ କର ବାସ୍ତବରେ ସେହି ସମୟ ଆସୁଅଛି ଆମ୍ଭେ ଶୀଘ୍ର ତାହାକୁ ପ୍ରକାଶ କରିଦେବୁ ଯଦ୍ୱାରା ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ କର୍ମ ଅନୁଯାୟୀ ପୁରସ୍କାର ପ୍ରଦାନ କରାଯିବ ।

ଯେତେବେଳେ ହଜ୍‌ରତ୍ ଉମର୍ ଏହି ପଂକ୍ତି ପାଠ କଲେ ସେତେବେଳେ ତାଙ୍କ ଆଖି ଖୋଲିଗଲା ଏବଂ ଶୋଇ ରହିଥିବା ମଣିଷଟା ଜାଗି ଉଠିଲା ଏବଂ ସେ ଅବାରିତ ହୋଇ କହି ଉଠିଲେ ଏହା କେଡ଼େ ଅଦ୍ଭୁତପୂର୍ଣ୍ଣ ଓ ପବିତ୍ର ବାଣୀ ଅଟେ । ଖବାବ୍ ତାଙ୍କର ଏହି ଉକ୍ତି ଶୁଣିବାମାତ୍ରେ ସହସା ବାହାରି ଆସିଲେ ଏବଂ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କର କୃତଜ୍ଞତା ଜ୍ଞାପନ କଲେ ଏବଂ କହିଲେ ଏହା ହଜୁର ସ:ଆ:ସଙ୍କ ଦୁଆ ର ପ୍ରତିଫଳ ଅଲ୍ଲାଃଙ୍କ ରାଣ କାଲି ହିଁ ମୁଁ ହଜୁର ସ:ଆ:ସଙ୍କୁ ଏହି ଦୁଆ କରୁଥିବାର ଶୁଣିଥିଲି, ହେ ଅଲ୍ଲାଃ ଉମର୍ ବିନ୍ ଖତାବ୍ ଓ ଉମର୍ ବିନ୍ ହିଶାମ୍ ଅର୍ଥାତ ଅବୁଜହଲ୍ ମଧ୍ୟରୁ ଜଣକୁ ଇସ୍‌ଲାମ୍ ର ଧ୍ୱଜା ତଳକୁ ନେଇ ଆସ ହଜ୍‌ରତ୍ ଉମର ର:ଅଙ୍କ ଏଭଳି ସ୍ୱଷ୍ଟୋକ୍ତି ପରେ ଗୋଟିଏ ଗୋଟିଏ ମୁହୁର୍ତ ସେଠାରେ ଅଟକି ରହିବା ତାଙ୍କ ପାଇଁ କଷ୍ଟକର ଥିଲା । ତେଣୁ ସେ ଆଉ କାଳବିଳମ୍ବ ନ କରି ପଚାରିଲେ ମତେ କୁହ ହଜୁର ସ:ଆ:ସ କେଉଁଠାରେ ମିଳିବେ । କିନ୍ତୁ କିଛି ଏଭଳି ନିୟନ୍ତ୍ରଣରୁ ବାହାର ହୋଇ ହସ୍ତରେ ମୁକୁଳା ଖଡ୍ଗ ଧରି ରଖିଥିଲେ ତାହାର ମଧ୍ୟ ତାଙ୍କୁ ସଂଜ୍ଞା ନଥିଲା । ଅତଏବ ଖବାବ ର:ଅ ତାଙ୍କୁ ହଜୁର ସ:ଆ:ସଙ୍କ ଠିକଣା ଦେଲେ ହଜ୍‌ରତ୍ ଉମର୍ ସେଠାରେ ପହଂଚି ଦ୍ୱାର କନ୍ଦଳ କଲେ । ସାହାବା କବାଟ ଜଳାରେ ଉମର୍‌ଙ୍କୁ ମୁକୁଳା ଖଡ୍ଗ ଧାରଣ କରିଥିବାର ଦେଖି ଦ୍ୱାର ଖୋଲିବାରେ ବିଳମ୍ବ କରିବାରୁ ହଜୁର ସ:ଆ:ସ କହିଲେ ଦ୍ୱାର ଖୋଲିଦିଅ । ହଜ୍‌ରତ୍ ହମ୍‌ଜା ମଧ୍ୟ ସେଠାରେ ସେମାନଙ୍କ ଗହଣରେ ଉପସ୍ଥିତ ଥିଲେ ଏବଂ ସେ ମଧ୍ୟ ସମାନ କଥା କହିଲେ କି ଯଦି ଉମର୍ ଭଲ ମନରେ ଆସିଥିବେ ତେବେ ଠିକ୍ ନଚେତ ତାଙ୍କରି ଖଡ୍ଗରେ ହିଁ ତାଙ୍କର ଶିର ଛେଦନ କରିଦେବି । ସେ ଯାହା ହେଉ ଦୁଆ ର ଖୋଲାଗଲା ଉମର ମୁକୁଳା ଖଡ୍ଗ ନେଇ ଭିତରକୁ ପ୍ରବେଶ କଲେ । ତାଙ୍କୁ ଦେଖି ହଜୁର ସ:ଆ:ସ ପଚାରିଲେ ଉମର୍ କଣ ପାଇଁ ଆସିଛ ? ସେ ଉତର ଦେଲେ ହଜୁର ମୁଁ ମୁସଲମାନ ହେବାକୁ ଆସିଛି । ଏକଥା ଶୁଣି ହଜୁର ସ:ଆ:ସ ଆନନ୍ଦରେ ବିଭୋର ହୋଇ କହିଉଠିଲେ । ଅଲ୍ଲାଃ ହୋ ଅକ୍‌ବର୍ । ଏଥି ସହିତ ସାହାବାମାନେ ମଧ୍ୟ ଏଭଳି ନାରା ଉଚାରିତ କଲେ କି ମକ୍କାର ପର୍ବତମାନ ଗୁଞ୍ଜରିତ ହୋଇ ଉଠିଲା ।

***(ସିରତ ଖାତମୁନ୍ ନବିୟିନ୍ ସ:ଆ:ସ..... ପୃ-୧୫୭-୧୫୯)***

ତେବେ ଏ ହଜ୍‌ରତ୍ ସଇଦ ଥିଲେ ଯିଏ ହଜ୍‌ରତ୍ ଉମର୍ ର:ଅଙ୍କ ମୁସଲମାନ ହେବାର ମାଧ୍ୟମ ସାଜିଲେ । ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ପ୍ରଥମ ପ୍ରଯ୍ୟାୟର ପ୍ରବାଶକାରୀମାନଙ୍କ ମଧ୍ୟରୁ ଜଣେ ଥିଲେ । ମଦିନା ହିଜ୍‌ରତ୍ କରି ସେ ହଜ୍‌ରତ୍ ରଫା ବିନ୍ ଅବ୍‌ଦୁଲ୍ଲ ମଞ୍ଜରଙ୍କ ଘରେ ଶରଣ ନେଇଥିଲେ ଯେ ହଜ୍‌ରତ୍ ଅବୁ ଲବାବାଙ୍କର ଭ୍ରାତା ଥିଲେ । ହଜୁର ସ:ଆ:ସ ହଜ୍‌ରତ୍ ରାଫେ ବିନ୍ ମାଲିଙ୍କ ସହିତ ତାଙ୍କର ବନ୍ଧୁତ୍ୱ ସମ୍ପର୍କ ସ୍ଥାପନ କରିଥିଲେ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଉବୈ ବିନ୍ କାଆବଙ୍କ ସହିତ ତାଙ୍କର ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ବଦର୍ ଯୁଦ୍ଧରେ ସାମିଲ ହୋଇପାରିନଥିଲେ । ଏହା ସତ୍ୱେ ମଧ ରସୁଲୁଲ୍ଲାଃ ସ:ଆ:ସ ତାଙ୍କୁ ମାଲେ ଗନିମତରୁ ଭାଗ ଦେଇଥିଲେ ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ- ୪୭୬.......... ବେରୁତ ୨୦୦୩)***
***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୨୯୨............ ବେରୁତ ୧୯୯୦)***

ଏଥିଯୋଗୁଁ ଯେଉଁ ସାହାବାମାନଙ୍କୁ କୌଣସି ନା କୌଣସି କାରଣରେ ଆଁ ହଜ୍‌ରତ୍ ସ:ଆ:ସ କିଛି ନା କିଛି ଭାଗ ପ୍ରଦାନ କରିଛନ୍ତି, ଯଦିଚ ସେମାନେ ବଦର ଯୁଦ୍ଧରେ ସାମିଲ ନଥିଲେ, ଏହା ସେତ୍ୱ ମଧ୍ୟ ସେମାନଙ୍କୁ ବଦ୍ରି ସାହାବାମାନଙ୍କ ମଧରେ ଗଣନା କରାଯାଇଥାଏ । ତାଙ୍କର ବଦର ଯୁଦ୍ଧରେ ସାମିଲ ନ ହେବାର କାରଣ ହଜ୍‌ରତ୍ ତଲ୍‌ହା ର:ଅଙ୍କ ଚର୍ଚ୍ଚା ସମୟରେ କରାଯାଇଅଛି । ଯାହାର ବିସ୍ତାର ଚର୍ଚ୍ଚା ହଜ୍‌ରତ୍ ତ୍‌ଲହା ବିନ୍ ଉବୈଦୁଲ୍ଲାଃ ଜୀବନି ଚର୍ଚ୍ଚାରେ ମୁଁ ବର୍ଣ୍ଣନା କରିସାରିଛି । ତଥାପି ଏଠାରେ ମଧ୍ୟ ଆଲୋଚନା କରିଦେବାଟା ଜରୁରୀ ମନେକରୁଛି । ଏମିତି ମଧ୍ୟ ଉକ୍ତ ଘଟଣା ଚର୍ଚ୍ଚା କରିବାକୁ ଦୁଇ ତିନି ମାସ ବିତିଗଲାଣି ।

ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ର:ଅ ବଦର୍ ଯୁଦ୍ଧରେ ସାମିଲ ନ ହେବାର କାରଣ ଏହା ଥିଲା କି, ଆଁ ହଜ୍‌ରତ୍ ସ:ଆ:ସ କୁରୈଶ୍‌ର ଏକ ବ୍ୟବସାୟ ଦଳ ସିରିଆରୁ ପ୍ରସ୍ଥାନର ଆଭାସ ପାଇଥିଲେ । ତେବେ ହଜୁର ସ:ଆ:ସ ମଦିନାରୁ ପ୍ରସ୍ଥାନ କରିବାର ଦଶଦିନ ପୂର୍ବରୁ ହଜ୍‌ରତ୍ ତଲ୍‌ହା ବିନ୍ ଉବୈଦୁଲ୍ଲାଃ ଏବଂ ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ର:ଅଙ୍କୁ କୁରୈଶ୍‌ର ଉକ୍ତ ଦଳର ସୁଚନା ଦେବାପାଇଁ ପ୍ରେରଣ କରିଥିଲେ । ଏ ଦୁହେଁ ମଦିନାରୁ ବାହାରି ହୌରାଆ ନାମକ ଏକ ସ୍ଥାନରେ ପହଂଚିଥିଲେ ଏବଂ ସେହିଠାରେ ଉକ୍ତ କାଫିଲା ତାଙ୍କୁ ଅତିକ୍ରମ କରିଥିଲା ଯାହାକି ବେହ୍‌ରେ ଅହେମର୍ ଅର୍ଥାତ Red-Sea ନିକଟସ୍ଥ ଏକ ଅଂଚଳ ଅଟେ । ହଜାଜ୍ ଓ ସିରିଆ ମଧ୍ୟ ଦେଇ ଯାଉଥିବା ଯାତ୍ରୀମାନେ ଉକ୍ତ ଅଂଚଳ ଦେଇ ଯାତ୍ରା କରିଥାନ୍ତି । ରସୁଲୁଲ୍ଲାଃ ସ:ଆ:ସଙ୍କୁ ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ର:ଅଙ୍କ ଫେରିବା ପୂର୍ବରୁ ହିଁ ଏହି ସମ୍ବାଦ ଜଣାପଡ଼ିଯାଇଥିଲା ଯେ ସେହି ଦଳଟି ସେଠାରୁ ଅତିକ୍ରମ କରିସାରିଛି । ହଜ୍‌ରତ୍ ତଲ୍‌ହା ବିନ୍ ଉବୈଦୁଲା ଓ ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ର:ଅ ମଦିନା ଅଭିମୁଖେ ବାହାରିଗଲେ କାରଣ ସେମାନେ ଯାଇ ହଜୁର ସ:ଆ:ସଙ୍କୁ କୁରୈଶ୍‌ର ଉକ୍ତ ଦଳ ସଂକ୍ରାନ୍ତରେ ସୁଚନା ଦେବେ । ସେ ଯାହା ହେଉ ହଜୁର ସ:ଆ:ସଙ୍କ ଉକ୍ତ ସାହାବା ଦୁହିଁଙ୍କ ଫେରିବା ପୂର୍ବରୁ ହିଁ ଜ୍ଞାତ ହୋଇଯାଇଥିଲା ଯେ, କାଫିଲା ସେଠାରୁ ଅତିକ୍ରମ କରିଗଲାଣି । ଏଠାକୁ ଆସିବାର ତାଙ୍କର ଉଦ୍ଦେଶ୍ୟ ନାହିଁ । ହଜୁର ସ:ଆ:ସ ଏହି ସୁଚନା ଦେବା ନିମନ୍ତେ ସାହାବାମାନଙ୍କୁ ଏକତ୍ରିତ କଲେ ଓ ସୁଚିତ କଲେ ଯେ କୁରୈଶ୍‌ର କାଫିଲା ପଛରେ ଆମ ଗୁପ୍ତଚର ବାହାରିଥିଲେ କିନ୍ତୁ କାଫିଲା ସମୁଦ୍ର କୂଳେ କୂଳେ ତିବ୍ର ବେଗରେ ବାହାରିଗଲା । ଉକ୍ତ ଦଳ ମଧ୍ୟ ନିଜର ଗତିପଥ ବଦଳାଇ ଦେଇଥିଲା । ସେମାନେ ଯେଉଁଠି

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ଆଶା କରୁଥିଲେ ସେଠାରେ ସେହି ମାର୍ଗରେ ମୁହାଁମୁହିଁ ହେଲେ ନାହିଁ ବରଂ ଥରେ ପ୍ରଦକ୍ଷିଣ କରି ସମୁଦ୍ରତଟ ଅଭିମୁଖେ ଚାଲିଗଲେ । ବସ୍ତୁତଃ ହଜରତ୍ ତଲହା ବିନ୍ ଉବେଦୁଲ୍ଲା ଓ ହଜରତ୍ ସଇଦ୍ ବିନ୍ ଜୈଦ୍ ମଦିନା ପ୍ରତ୍ୟାବର୍ତ୍ତନ କରିଥିଲେ । ଏଥି ସଂକ୍ରାନ୍ତରେ ହଜୁର ସ:ଆ:ସଙ୍କୁ ସୁଚିତ କରିବେ । ସେହି ଦୁହିଁଙ୍କୁ ହଜୁର ସ:ଆ:ସଙ୍କର ବଦର ଯୁଦ୍ଧ ପାଇଁ ପ୍ରସ୍ଥାନ କରିବାର କୌଣସି ଆଭାସ ମଧ୍ୟ ନଥିଲା । ଏମାନେ ସେହିଦିନ ମଦିନାରେ ପହଂଚିଲେ ଯେଉଁ ଦିନ ହଜୁର ସ:ଆ:ସ ବଦରର ରଣକ୍ଷେତ୍ରରେ କୁରେଶଙ୍କ ସହ ମୁକାବିଲା କରିଥିଲେ । ଏ ଦୁହେଁ ମଧ୍ୟ ଆଁ ହଜରତ୍ ସ:ଆ:ସଙ୍କ ସେବାରେ ଉପସ୍ଥିତ ହେବାପାଇଁ ମଦିନାରୁ ବାହାରି ପଡ଼ିଲେ କି ଯୁଦ୍ଧରେ ଭାଗ ନେବେ ଏବଂ ହଜୁର ସ:ଆ:ସଙ୍କ ସହ ମିଶି ଲଢ଼ିବେ କିନ୍ତୁ ସେତେବେଳକୁ ହଜୁର ସ:ଆ:ସ ବଦର୍ ରୁ ପ୍ରତ୍ୟାବର୍ତ୍ତନ କରିସାରିଥିଲେ । ଏମାନଙ୍କ ଭେଟ ତରବ୍ବାନ୍ ଠାରେ ଯାହାକି ମଦିନାଠାରୁ ୧୫ ମାଇଲ ଦୁରତାରେ ଅବସ୍ଥିତ ଏକ ପାର୍ବତ୍ୟଚଂଳରେ ହୋଇଥିଲା ଯେଉଁଠାରେ ପ୍ରଚୁର ପରିମାଣରେ ମଧୁର ପାନୀୟ ଜଳର କୁପ ରହିଛି । ବଦର ଯୁଦ୍ଧ ଅଭିମୁଖେ ଯିବା ସମୟରେ ରସୁଲୁଲ୍ଲାଃ ସ:ଆ:ସ ଏହିଠାରେ ହିଁ କିଛି ସମୟ ଅବସ୍ଥାନ କରିଥିଲେ । ଏହି ବ୍ୟବସାୟୀ ଦଳ ଦ୍ୱିତୀୟ ଦଳ ଥିଲା ଯେ, ଅନ୍ୟ ଦିଗରୁ ଖସି ଯାଇଥିଲା । କିନ୍ତୁ ଆକ୍ରମଣ ନିମନ୍ତେ ମକ୍କାରୁ ବାହାରିଥିବା ସୈନ୍ୟଦଳ ଓ ବଦରଠାରେ ମୁହାଁମୁହିଁ ହୋଇଥିବା ଦଳଟି ଆଉ ଏକ ଦଳ ଥିଲା । କିନ୍ତୁ ସେ ଯାହା ହେଉ ନା କାହିଁକି ହଜୁର ସ:ଆ:ସ ଏଥିପାଇଁ ବାହାରିଥିଲେ ଯେ ଯେପରି ସେ କୁରେଶଙ୍କ ଅନ୍ୟଦଳର ଗତିବିଧିକୁ ଲକ୍ଷ୍ୟ କରିବେ ଓ ସେମାନଙ୍କର ପ୍ରକୃତ ଉଦ୍ଦେଶ୍ୟ ଜାଣିବେ କି ତାଙ୍କର ପ୍ରକୃତ ଉଦ୍ଦେଶ୍ୟ କଣ ? କିନ୍ତୁ ଏହା ଜଣାନଥିଲା ଯେ, ସେ ଏକ ସୈନ୍ୟଦଳ ଅଟନ୍ତି । ସେ ଯାହା ହେଉ ନା କାହିଁକି ଆଗକୁ ଏହା ଚର୍ଚ୍ଚା ରହିଛି ଯେ, ହଜରତ୍ ତଲହା ଓ ହଜରତ୍ ସଇଦ୍ ବିନ୍ ଜୈଦ୍ ଯୁଦ୍ଧରେ ସାମିଲ ହୋଇପାରି ନଥିଲେ । କିନ୍ତୁ ରସୁଲୁଲ୍ଲାଃ ସ:ଆ:ସ ବଦର୍ ଯୁଦ୍ଧରୁ ପ୍ରାପ୍ତ ମାଲେ ଗନିମତ (ଅର୍ଥାତ ଯୁଦ୍ଧ ବିଜୟ ଧନରତ୍ନରୁ) ତାଙ୍କୁ ଅଂଶ ପ୍ରଦାନ କରିଥିଲେ । ଅର୍ଥାତ ଭାଗ ଦେଇଥିଲେ ଏବଂ ଏ ଦୁହିଁଙ୍କୁ ବଦର୍ ଯୁଦ୍ଧରେ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ସାମିଲ କରିଥିଲେ ।

***(ତବକାତୁଲ୍ କୁବ୍ରା.........ଖଣ୍ଡ-୩, ପୃ-୨୯୨-୨୯୩......... ବେରୁତ ୧୯୯୦) (ସିରତୁନ୍ ନବୱିୟା........... ଖଣ୍ଡ-୨, ପୃ-୧୨୩) (ଫରହଙ୍ଗ ସିରତ୍ ପୃ-୭୫............ କରାଚି ୨୦୦୩)***

ହଜରତ୍ ସଇଦ୍ ବିନ୍ ଜୈଦ୍ ଅଶ୍ରା ସୁବଶିରା ଅର୍ଥାତ ସେହି ଦଶଜଣ ସୌଭାଗ୍ୟଶାଳୀ ସାହାବାମାନଙ୍କ ମଧରେ ସାମିଲ ଥିଲେ ଯେଉଁମାନଙ୍କୁ ହଜୁର ସ:ଆ:ସ ସ୍ୱୟମଂ ଏହି ଇହ ଧାମରେ ହିଁ ସ୍ୱର୍ଗବାସୀ ହେବାର ସୁସମ୍ବାଦ ଦେଇଥିଲେ

ହଜରତ୍ ଅବ୍ଦୁର୍ ରହ୍ମାନ ବିନ୍ ଅଓଫ୍ ବର୍ଣ୍ଣନା କରନ୍ତି, ରସୁଲୁଲ୍ଲାଃ ସ:ଆ:ସ ଅବୁବକର, ଉମର୍, ଉସ୍ମାନ୍, ହଜରତ୍ ଅଲୀ, ତଲହା ବିନ୍ ଜୁବୈର୍, ଅବ୍ଦୁର୍ ରହ୍ମାନ୍ ବିନ୍ ଅଓଫ୍, ସାଆଦ୍ ବିନ୍ ଅବିୱକାସ୍, ହଜରତ୍ ସଇଦ୍ ବିନ୍ ଜୈଦ୍ ର:ଅ ଓ ଅବୁବୈଦା ବିନ୍ ଜରାହ୍ ର:ଅଙ୍କ ମଧ୍ୟରୁ ଜଣ ଜଣ କରି ସମସ୍ତଙ୍କ ନାମ ଧରି କହିଲେ ଏମାନେ ସମସ୍ତେ ହେଉଛନ୍ତି ସ୍ୱର୍ଗର ନିବାସୀ । ***(ରୌଶନ୍ ସିତାରେ........ ଖଣ୍ଡ-୨, ପୃ-୧୫୫)***

ହଜରତ୍ ସଇଦ୍ ବିନ୍ ଜୈଦ୍ ବର୍ଣ୍ଣନା କରନ୍ତି ଯେ, ମୁଁ ନଅଜଣ ବ୍ୟକ୍ତିଙ୍କ ସପକ୍ଷରେ ଏହି ସାକ୍ଷ୍ୟ ଦେଉଛି ଯେ, ଏମାନେ ସ୍ୱର୍ଗର ଅଧିକାର ଏବଂ ଯଦି ମୁଁ ଦଶମ ବ୍ୟକ୍ତିଙ୍କ ସମ୍ପର୍କରେ ମଧ୍ୟ ଏହି ମତପ୍ରକାଶ କରେ ତାହା ହେଲେ ମୁଁ ପାପି ହେବିନାହିଁ । ତାଙ୍କୁ ପଚାରାଗଲା ଯେ ତାହା କିପରି ? ସେ ଉତର ଦେଲେ ଯେ ଯେତେବେଳେ ଆମେମାନେ ହଜୁର ସ:ଆ:ସଙ୍କ ସହିତ ହେରା ନାମକ ପର୍ବତ ଉପରେ ବିଦ୍ୟମାନ ଥିଲୁ । ସେତେବେଳେ ତାହା ଆନ୍ଦୋଳିତ ହେଲା ପ୍ରତିଉତରରେ ହଜୁର ସ:ଆ:ସ କହିଲେ ହେ ହେରା ପର୍ବତରାଜ ରହିଯାଅ ନିଃସନ୍ଦେହ ତୁମ ଉପରେ ଏକ ସତ୍ୟବାନ ତଥା ଶହୀଦ ନବୀ ଆର୍ବିଭୁତ ହୋଇଛି । କୌଣସି ବ୍ୟକ୍ତି ପଚାରିଲା ଯେ, ସେହି ଦଶଜଣ ସ୍ୱର୍ଗାଧିକାରୀମାନେ କିଏ ? ହଜରତ୍ ସଇଦ୍ ବିନ୍ ଜୈଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ କହିଥିବା ଉକ୍ତ ଦଶଜଣ ବିଶିଷ୍ଟ ବ୍ୟକ୍ତିଙ୍କର ନାମ ନେଇଥିଲେ । ଅର୍ଥାତ ଅବୁବକର, ଉମର୍, ଉସ୍ମାନ, ଅଲୀ, ତଲହା, ଜୁବୈର, ସାଆଦ୍ ଏବଂ ଅବ୍ଦୁର୍ ରହ୍ମାନ ବିନ୍ ଅଓଫ୍ ର:ଅ ତା'ପରେ ତାଙ୍କୁ ପଚାରାଗଲା ଯେ, ଦଶମ ବ୍ୟକ୍ତିଜଣକ କିଏ ? ହଜରତ୍ ସଇଦ୍ ବିନ୍ ଜୈଦ୍ କହିଲେ କି ସେହି ଦଶମ ବ୍ୟକ୍ତିଜଣକ ହେଉଛି ମୁଁ ।

***(ସୁନନେ ତିରମିଜି......... ହଦିସ୍ ୩୭୫୭) (ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୪୭୮.......... ବେରୁତ ୨୦୧୬)***

ସଇଦ ବିନ୍ ଜୁବୈର୍ ବର୍ଣ୍ଣନା କରନ୍ତି ଯେ, ହଜରତ୍ ଅବୁବକର ର:ଅ, ହଜରତ୍ ଉମର ର:ଅ, ହଜରତ୍ ଅଲୀ ର:ଅ, ହଜରତ୍ ଜୁବୈର୍ ର:ଅ, ହଜରତ୍ ସାଆଦ୍ ର:ଅ, ହଜରତ୍ ଅବ୍ଦୁର୍ ରହ୍ମାନ୍, ହଜରତ୍ ସଇଦ୍ ବିନ୍ ଜୈଦ୍ ଯୁଦ୍ଧ ଭୁମିରେ ରସୁଲୁଲ୍ଲାଃ ସ:ଆ:ସଙ୍କ ଆଗେ ଆଗେ ରହୁଥିଲେ । ଅର୍ଥାତ ତାଙ୍କୁ ସୁରକ୍ଷା ପ୍ରଦାନ କରୁଥିଲେ । ନମାଜରେ ହଜୁର ସ:ଆ:ସଙ୍କ ପଛରେ ଛିଡ଼ା ହେଉଥିଲେ । ***(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୪୭୮)***

ହକିମ୍ ବିନ୍ ମୁହମ୍ମଦ ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି, ଯେ ହଜରତ୍ ସଇଦ୍ ବିନ୍ ଜୈଦ୍ ର:ଅଙ୍କ ମୁଦ୍ରିକାରେ କୁରଆନ୍ କରିମ୍‌ର ପଂକ୍ତି ଉଲ୍ଲେଖିତ ଥିବାର ସେ ଦେଖିଥିଲେ ।

***(ତବକାତୁଲ୍ କୁବ୍ରା.........ଖଣ୍ଡ-୩, ପୃ-୨୯୪............ ବେରୁତ ୧୯୯୦)***

ହଜରତ୍ ଉମର୍ ର:ଅଙ୍କ ଖିଲାଫତ୍ ସମୟ କାଳରେ ସିରିଆ ଯୁଦ୍ଧରେ ଯେତେବେଳେ ଔପଚାରିକ ଭାବରେ ସୈନ୍ୟବାହିନି ପରସ୍ପରର ମୁକାବିଲା ପାଇଁ ଦଣ୍ଡାୟମାନ ଥିଲେ । ହଜରତ୍ ସଇଦ୍ ବିନ୍ ଜୈଦ୍, ହଜରତ୍ ଅବୁ ଉବେଦାଙ୍କ ଅଧିନ ପଦାତିକ ବାହିନୀର ସୈନ୍ୟଭାର ଗ୍ରହଣ କରିଥିଲେ । ଦମିସ୍କର ଘେରାଉ ଓ ୟରମୁକ ଯୁଦ୍ଧର ନିର୍ଣ୍ଣାୟକ ଯୁଦ୍ଧରେ ସେ ସାହାସିକତାର ସହ ଓ ନିର୍ଭିକ ଭାବରେ ଶତୃର ମୁକାବିଲା କରିଥିଲେ । ଯୁଦ୍ଧ ସମୟରେ ହଜରତ୍ ସଇଦ୍ ବିନ୍ ଜୈଦ୍ ର:ଅଙ୍କୁ ଦମିସ୍କର ଗର୍ଭନର ରୂପେ ନିଯୁକ୍ତ କରାଯାଇଥିଲା । କିନ୍ତୁ ସେ ହଜରତ୍ ଉବେଦା ର:ଅଙ୍କୁ ନିବେଦନ ପୂର୍ବକ ପତ୍ର ଲେଖିଲେ ଯେ ମୁଁ ଏଠାରେ ରହିପାରିବି ନାହିଁ । ଆପଣ ଜିହାଦ୍ କରିବେ ଓ ମୁଁ ଯୁଦ୍ଧରୁ ବଂଚିତ ରହି ଏଠାରେ ବସି ରହିବି । ତେଣୁ ଏହି ପତ୍ର ହସ୍ତଗତ ହେବାମାତ୍ରେ ମୋ ସ୍ଥାନରେ ଅନ୍ୟ କୌଣସି ବ୍ୟକ୍ତିକୁ ପ୍ରେରଣ କରିଦିଅନ୍ତୁ ଏବଂ ମୁଁ ଯଥା ଶିଘ୍ର ଆପଣଙ୍କ ସାଥିରେ ମିଶିଯିବାକୁ ଚାହୁଁଅଛି । ସୁତରାଂ ହଜରତ୍ ଅବୁ ଉବେଦା ବାଧ୍ୟ ହୋଇ ଅବୁ ସୁଫିୟାନଙ୍କ ପୁତ୍ର ୟଜିଦ୍‌କୁ ପଠାଇଦେଲେ ଏବଂ ହଜରତ୍ ସଇଦ୍ ବିନ୍ ଜୈଦ୍ ର:ଅ ପୂର୍ନବାର ସେହି ଯୁଦ୍ଧରେ ସାମିଲ ହୋଇଗଲେ ।

***(ରୌଶନ୍ ସିତାରେ.......... ଖଣ୍ଡ-୨, ପୃ-୧୬୪) (ସିରସ୍ ସାହାବା ଖଣ୍ଡ-୨, ପୃ-୧୩୮.........)***

ହଜରତ୍ ସଇଦ୍ ବିନ୍ ଜୈଦ୍ ର:ଅ ଅନେକ ଧର୍ମ ସଙ୍କଟରେ ସମ୍ମୁଖିନ ହୋଇଥିଲେ ଏବଂ ବିଂଶାଧିକ ଗୃହଯୁଦ୍ଧର ମଧ୍ୟ ସମ୍ମୁଖୀନ ହୋଇଥିଲେ ଏବଂ ଏପରି ପ୍ରତିତ ହେଉଥିଲା ଯେପରି ସେ ନିଜର ଧର୍ମ ପରାୟଣତା ଓ ଧର୍ମ ନିଷ୍ଠତାକୁ ରକ୍ଷା କରିବାକୁ ଯାଇ ସମସ୍ତ ପ୍ରକାର କଳହରୁ ସର୍ବଦା ନିବୃତ ରହୁଛନ୍ତି । କିନ୍ତୁ ସେ ଯାହା ସପକ୍ଷରେ କୌଣସି ମତ ରଖୁଥିଲେ ତାହା ସ୍ୱାଧୀନ ଭାବରେ ପରିପ୍ରକାଶ କରିବାରେ ବିଳମ୍ବ କରୁନଥିଲେ । ଯେତେବେଳେ ହଜରତ୍ ଉସ୍ମାନ ର:ଅଙ୍କୁ ଶହୀଦ କରିଦିଆଗଲା । ସେତେବେଳେ ସେ ପ୍ରାୟତଃ କୁଫା ମସ୍‌ଜିଦ୍‌ରେ ଏହା କହୁଥିଲେ ଯେ, ତୁମେମାନେ ହଜରତ୍ ଉସ୍ମାନ ର:ଅଙ୍କ ସହିତ ଯେଉଁ ବ୍ୟବହାର ପ୍ରଦର୍ଶନ କରିଛ ତହିଁରୁ ଯଦି ଓହଦ ପର୍ବତ ଦୋହଲି ଯାଏ ତେବେ ତହିଁରେ କୌଣସି ଆଶ୍ଚର୍ଯ୍ୟ ଚକିତ ହେବାର ନାହିଁ ।

***(ସିରସ୍ ସାହାବା ଖଣ୍ଡ-୨, ପୃ-୧୩୯)***

ସେହିପରି ଦିନେ କୁଫାର ଯାମା ମସ୍‌ଜିଦ୍‌ରେ ମୁଗେରା ବିନ୍ ସୌବା ର:ଅ ଯେତେବେଳେ ହଜରତ୍ ଅଲୀ ର:ଅଙ୍କ ସମ୍ମାନହାନୀ ବିଷୟରେ କିଛି କହିଲେ ସେତେବେଳେ ହଜରତ୍ ସଇଦ୍ ବିନ୍ ଜୈଦ୍ ର:ଅ କହିଲେ ହେ ମୁଗେରା, ହେ ମୁଗେରା, ହେ ମୁଗେରା, ମୁଁ ଆଁ ହଜରତ୍ ସ:ଆ:ସଙ୍କୁ ଏହିପରି କହୁଥିବାର ଶୁଣିଛି ଯେ, ଦଶଜଣ ବ୍ୟକ୍ତି ସ୍ୱର୍ଗାରୋହି ହେବେ ଏବଂ ସେମାନଙ୍କ ମଧ୍ୟରୁ ହଜରତ ଅଲୀ ର:ଅ ଅନ୍ୟତମ ।

***(ରୌଶନ୍ ସିତାରେ........ ଖଣ୍ଡ-୨, ପୃ-୧୬୫)***

ହଜରତ୍ ସଇଦ୍ ବିନ୍ ଜୈଦ୍ ର:ଅ ମୁସ୍ତଜିବୁଲ୍ ଦୁଆ (ଅର୍ଥାତ ଯାହାର ଦୁଆ ସ୍ୱୀକୃତି ଲାଭ କରିଥାଏ) ଥିଲେ, ଏକଦା ତାଙ୍କ ଉପରେ ଜମି ଆତ୍ମସାତ କରିବାର ଏକ ସଙ୍ଗୀନ ଲାଞ୍ଛନା / ଆରୋପ ଲଗାଯାଇଥିଲା । ଯାହାର ବିସ୍ତୃତ ବିବରଣୀ ଏହିପରି ଅଟେ । ହଜରତ୍ ସଇଦ୍ ବିନ୍ ଜୈଦ୍ ର:ଅଙ୍କ ଜମି ସହିତ ଉର୍ୱା ବିନ୍ ଅଓ୍ୱେସ୍ ନାମକ ଜଣେ ମହିଳାର ଜମି ସଲଗ୍ନ ଥିଲା । ସେ ମୁଆୱିୟା ତରଫରୁ ନିଯୁକ୍ତ ଗର୍ଭଣର ମୁରୱାନ୍ ବିନ୍ ହକିମଙ୍କ ପାଖକୁ ଯାଇ ଅଭିଯୋଗ କଲେ ଯେ, ସଇଦ୍ ଅନ୍ୟାୟ କରି ମୋ ଜମି ହଡ଼ପ କରିନେଇଛନ୍ତି ବା

**ଅଲ୍ଲା ତାଲାଙ୍କ ବାଣୀ**

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍ରାଃ: ୧୦୮)*

**ତାଲିବେ ଦୁଆ:** *Farzan Ali Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family, Jamat Ahmadiyya, Kerang (Odisha)*

ଅଧିଗ୍ରହଣ କରିନେଇଛନ୍ତି । ଯେତେବେଳେ ମୁଗ୍‌ୱାନ୍ ଅନୁସନ୍ଧାନ ପାଇଁ କେତେକ ବ୍ୟକ୍ତିଙ୍କୁ ପ୍ରେରଣ କଲେ । ସେତେବେଳେ ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ର:ଅ ସେମାନଙ୍କୁ ଉତର ଦେଲେ ଯେ, ତୁମର ଏହି ପ୍ରସଙ୍ଗରେ କଣ ମତାମତ ରହିଛି ? କଣ ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କଠାରୁ ଶୁଣିବାପରେ ଅନ୍ୟାୟ ଅତ୍ୟାଚାର କରିପାରିବି । ହଜୁର ସ:ଆ:ସ କହିଥିଲେ ଯିଏ ଅନ୍ୟାୟ ଭାବରେ କୌଣସି ବ୍ୟକ୍ତିର ଆଙ୍ଗୁଳେ ଅବା ଚାଖଣ୍ଡେ ଜମି ହଡ଼ପ କରିବ । ପ୍ରଳୟ ଦିବସ ଦିନ ତା' ଗଳାରେ ସାତଟି ଜମିର ଲୌହ ନିର୍ମିତ ବେଡ଼ି ପିନ୍ଧାଯିବ । ସେ କହିଲେ ହେ ଈଶ୍ୱର ଯଦି ଉର୍‌ୱା ମିଛ କହୁଛି । ତେବେ ତୁମ୍ଭେ ତାକୁ ସେ ପର୍ଯ୍ୟନ୍ତ ମୃତ୍ୟୁ ପ୍ରଦାନ କରନାହିଁ ଯେ ପର୍ଯ୍ୟନ୍ତ ସେ ନିଜ ଦୃଷ୍ଟିଶକ୍ତି ହରାଇ ନାହିଁ ଓ ତା କବର ତା ଘରର କୂଅ ନ ହୋଇଛି ସୁତରାଂ ଉଲ୍ଲେଖ ରହିଛି ଯେ **ଉର୍‌ୱା** ପ୍ରଥମେ ନିଜ ଦୃଷ୍ଟିଶକ୍ତି ହରାଇଲେ ଏବଂ ପରେ ଦିନେ ଚାଲୁ ଚାଲୁ ନିଜ ଘରର କୂପରେ ଖସିପଡ଼ିବାରୁ ତାଙ୍କର ସୋଚନୀୟ ଭାବରେ ମୃତ୍ୟୁ ଘଟିଲା । ଏହାପରେ ଏହି ପ୍ରବାଦ ରଢ଼ି ହୋଇଗଲା ଏବଂ ମଦିନାବାସୀ କହିବାକୁ ଲାଗିଲେ ଯେ, **ଆମାକଲ୍ଲାହୁ କମା ଆମା ଅର୍‌ୱା** ଅର୍ଥାତ ଅଲ୍ଲାଃ ତାଲା ତତେ ସେହିପରି ଅନ୍ଧ କରିଦେବେ ଯେପରି ଅଲ୍ଲାଃ ତାଲା ଉର୍‌ବାକୁ ଅନ୍ଧ କରିଥିଲେ ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୪୭୭.......... ବେରୁତ ୨୦୦୩)*

*(ରୌଶନ୍ ସିତାରେ....... ଖଣ୍ଡ-୨, ପୃ-୧୬୪-୧୬୫*

ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ୫୧ ହିଜ୍‌ରିରେ ପ୍ରାୟ ୭୦ ବର୍ଷ ବୟସରେ ଜୁମ୍ମା ଦିନ ମୃତ୍ୟୁବରଣ କରିଥିଲେ । କେତେକ ବର୍ଣ୍ଣନାନୁଯାୟୀ ମୃତ୍ୟୁବେଳେ ତାଙ୍କର ବୟସ ୭୦ରୁ ଉର୍ଦ୍ଧ ବୟସରେ ହୋଇଥିଲା । ମଦିନାର ସୀମାବର୍ତୀ ଅଂଚଳରେ ଅକିକ୍ ନାମକ ସ୍ଥାନରେ ତାଙ୍କର ସ୍ଥାୟୀ ନିବାସ ଥିଲା ଏବଂ ଆରବ ଉପ ମହାଦ୍ୱୀପରେ ଅକିକ୍ ନାମରେ ଏଭଳି ଅନେକ ଉପତ୍ୟକାମାନ ରହିଛି । ତନ୍ମଧ୍ୟରୁ ଅକିକ୍ ହେଉଛି ମଦିନାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଯାହାକି ମଦିନାର ଦକ୍ଷିଣ ପଶ୍ଚିମରୁ ଅବସ୍ଥିତ ଏବଂ ଉତର ପୂର୍ବ ପର୍ଯ୍ୟନ୍ତ ପରିବ୍ୟାପ୍ତ ଏବଂ ତହିଁରେ ମଦିନା ମୁନଓ୍ୱରାର ସମସ୍ତ ଉପତ୍ୟକାଗୁଡ଼ିକ ଆସି ମିଶିଯାଇଥିଲେ । ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ଅମ୍ର ଜୁମ୍ମା ପାଇଁ ପ୍ରସ୍ତୁତ ହେଉଥିଲେ । ଯେତେବେଳେ ସେ ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ର:ଅଙ୍କ ବିୟୋଗ ବାର୍ତା ଶୁଣିଲେ ସେତେବେଳେ ସେ ଜୁମ୍ମାକୁ ଗଲେ ନାହିଁ ବରଂ ସେହି କ୍ଷଣି ଅକିକ୍ ଅଭିମୁଖେ ବାହାରିଗଲେ । ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ୍ ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ର:ଅଙ୍କ ମରଶରୀରକୁ ସ୍ନାନ ଦେଇଥିଲେ ଏବଂ ତାଙ୍କର ପବିତ୍ର ଶବକୁ ଲୋକମାନେ କାନ୍ଧ ଉପରେ ରଖି ମଦିନା ଆଣିଥିଲେ । ଏହାପରେ ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ଉମର ର:ଅ ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ର:ଅଙ୍କ ନମାଜ ଯନାଜାଃ ପଢ଼େଇଥିଲେ ଏବଂ ମଦିନାଠାରେ ତାଙ୍କୁ କବର ଦିଆ ଯାଇଥିଲା ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୪୭୮.......... ବେରୁତ ୨୦୦୩)*

*(ସିରସ୍ ସାହାବା ଖଣ୍ଡ-୨, ପୃ-୧୩୮.......... କରାଚି) (ଫରହଙ୍ଗ ସିତର ପୃ-୨୦୪......... କରାଚି ୨୦୦୩)*

ଆଉ ଏକ ବର୍ଣ୍ଣନା ଅନୁଯାୟୀ ଯେତେବେଳେ ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ଉମରଙ୍କୁ ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ର:ଅଙ୍କ ବିୟୋଗର ସୁଚନା ମିଳିଲା ସେତେବେଳେ ସେ ଜୁମାପାଠ କରିବାପାଇଁ ମସ୍‌ଜିଦ୍ ଅଭିମୁଖେ ବାହାରୁଥିଲେ କିନ୍ତୁ ସେ ଜୁମ୍ମା ସକାଶେ ନ ଯାଇ ସଙ୍ଗେ ସଙ୍ଗେ ତାଙ୍କ ଯନାଜାଃକୁ ଗଲେ ଓ ତାଙ୍କ ମରଶରୀରକୁ ସ୍ନାନ କରାଇଲେ ଏବଂ ତାଙ୍କୁ ସୁଗନ୍ଧ ବୋଳିଲେ ତଥା ତା ସହିତ ତାଙ୍କ ନମାଜ ଯନାଜାଃ ପାଠ କରାଇଲେ । ଅପରପକ୍ଷେ ଆଇଶା ବିନ୍‌ତେ ସାଆଦ୍ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ର:ଅଙ୍କୁ ହଜ୍‌ରତ୍ ସାଆଦ୍ ବିନ୍ ୱକାସ୍ ସ୍ନାନ ଦେଇଥିଲେ ଏବଂ ସୁଗନ୍ଧ ବୋଳି ନିଜ ଘରକୁ ଫେରିଥିଲେ ଓ ନିଜେ ସ୍ନାନ କରିଥିଲେ । ପୁନଶ୍ଚ ଯେତେବେଳେ ନିଜ ଗୃହରୁ ବାହାରିଲେ ସେତେବେଳେ କହିଲେ, ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍‌ଙ୍କୁ ସ୍ନାନ ଦେବାଯୋଗୁଁ ମୁଁ ସ୍ନାନ କରିନାହିଁ ବରଂ ପ୍ରବଳ ଗ୍ରୀଷ୍ମତାପ ଅନୁଭବ କରିବାଯାଗୁଁ ମୁଁ ସ୍ନାନ କଲି । ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ର:ଅଙ୍କ ନମାଜ ଯନାଜାଃ ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ଉମର୍ ପଢ଼ାଇଥିଲେ । ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ୍ ର:ଅ ଓ ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ଉମର୍ ଦୁହେଁ କବରରେ ଓହ୍ଲାଇଥିଲେ ଓ ଶବକୁ କବର ଦେବାପାଇଁ କବର ଭିତରକୁ ଓହ୍ଲାଇଥିଲେ ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୧୪୯.......... ବେରୁତ ୨୦୦୩)*

*(ସିରସ୍ ସାହାବା ଖଣ୍ଡ-୨, ପୃ-୧୩୫.......... କରାଚି)*

ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ର:ଅ ଭିନ୍ନ ଭିନ୍ନ ସମୟରେ ଦଶଟି ବିବାହ କରିଥିଲେ ଓ ସେହି ପତ୍ନୀମାନଙ୍କଠାରୁ ୧୩ଜଣ ପୁତ୍ର ଓ ୧୯ ଜଣ ଝିଅ ଜନ୍ମ ହୋଇଥଲେ ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୨୯୨............ ବେରୁତ ୧୯୯୦) (ସିରସ୍ ସାହାବା ଖଣ୍ଡ-୨, ପୃ-୧୪୦.......... କରାଚି)*

ପରବର୍ତୀ ସାହାବିଙ୍କର ସଂକ୍ଷିପ୍ତ ଚର୍ଚ୍ଚା କରିଦେଉଛି ଯାହାଙ୍କର ନାମ ହେଉଛି ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅଙ୍କ ନାମ ସେହି ଅନ୍ଧକାରମୟ ଯୁଗରେ ଅବ୍‌ଦେ ଅମ୍‌ରୋ ଥିଲା ଏବଂ ଅନ୍ୟ ଏକ ବର୍ଣ୍ଣନା ଅନୁଯାୟୀ ଅବ୍‌ଦୁଲ୍ କାବା ଥିଲା । ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବାପରେ ହଜୁର ସ:ଆ:ସ ତାଙ୍କ ନାମ ପରିବର୍ତନ କରି ଅବ୍‌ଦୁର୍ ରହ୍‌ମାନ କରିଦେଇଥିଲେ । ସେ ବନୁ ଜୋହ୍‌ରା ବିନ୍ କିଲାବ କବିଲାର ଥିଲେ ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୯୨............ ବେରୁତ ୧୯୯୦)*

ସହ୍‌ଲା ବିନ୍‌ତେ ଆସିମ ବର୍ଣ୍ଣନା କରନ୍ତି ଯେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ, ଧବଳ ଓ ସୁନ୍ଦର ଚକ୍ଷୁ ସମ୍ପର୍ଣ୍ଣ ବ୍ୟକ୍ତି ଥିଲେ, ଦୀର୍ଘ ଯୁଗଳ ନୟନ ପଲକ, ଲମ୍ବା ନାସିକା ବିଶିଷ୍ଟ ବ୍ୟକ୍ତି ଥିଲେ । ତାଙ୍କର ସମ୍ମୁଖ ଉପସ୍ଥିତ ଦାନ୍ତ ମଧ୍ୟରୁ ତୀକ୍ଷଣ ଓ ଦୀର୍ଘ ଥିଲା । ତାଙ୍କର କର୍ଣ୍ଣର ନିମ୍ନଭାଗ ପର୍ଯ୍ୟନ୍ତ କେଶ୍ ରହିଥିଲା । ପାପୁଲି ଦ୍ୱୟ ଶକ୍ତ ଏବଂ ଆଙ୍ଗୁଠିଗୁଡ଼ିକ ମୋଟ ଥିଲା ।

*(ଅଲ୍‌ଇସ୍‌ତିୟାବ.......... ଖଣ୍ଡ-୨, ପୃ-୮୪୭........... ବେରୁତ)*

ଇବ୍ରାହିମ୍ ବିନ୍ ସାଆଦ୍ ନିଜର ପିତାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ଦୀର୍ଘ ଉଚ୍ଚତା ବିଶିଷ୍ଟ ଧବଳ ବର୍ଣ୍ଣ ବ୍ୟକ୍ତି ଥିଲେ ଯହିଁରେ ଇସତ୍ ନାଲିରଙ୍ଗ ମିଶ୍ରିତ ଥିଲା । ସେ ଦେଖିବାକୁ ସୁନ୍ଦର ଓ ତାଙ୍କ ଚର୍ମ ଅତ୍ୟନ୍ତ କୋମଳ ଥିଲା । ସେ କେଶରେ ରଙ୍ଗ ଲେପନ କରୁନଥିଲେ । ତାଙ୍କ ସମ୍ପର୍କରେ କୁହାଯାଏ ଯେ, ସେ କିଚିଂତ ଛୋଟା ଥିଲେ ଏବଂ ତାଙ୍କର ଏହି ଛୋଟପଣ ଓହଦ୍ ଯୁଦ୍ଧ ପରେ ଉତ୍ପନ୍ନ ହୋଇଥିଲା । କାରଣ ଓହଦ୍ ଯୁଦ୍ଧରେ ଧର୍ମର ଜୟ ଖାତିର୍ ସେ ଲଢ଼େଇରେ ଆହତ ହୋଇଥିଲେ ।

*(ଅଲ୍‌ଅସାବାଃ.......... ଖଣ୍ଡ-୪, ପୃ-୨୯୨........... ବେରୁତ ୧୯୯୫)*

ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ସେହି ଦଶଜଣ ସାହାବାଙ୍କ ମଧ୍ୟରୁ ଜଣେ ଯାହାଙ୍କୁ ସ୍ୱର୍ଗର ଅଧିବାସୀ ହେବାର ସୁସମ୍ବାଦ ମିଳିଯାଇଥିଲା । ସେ ସୁରାଃର ସେହି ଛଅଜଣ ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ଯାହାଙ୍କୁ ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ ଚୟନ କରିବା ନିମନ୍ତେ କରିଥିଲେ ଏବଂ ସେହି ଲୋକମାନଙ୍କ ସମ୍ପର୍କରେ ହଜ୍‌ରତ୍ ଉମର୍ ର:ଅ କୁହନ୍ତି ଯେ, ରସୁଲୁଲ୍ଲାଃ ସ:ଆ:ସ ନିଜର ବିୟୋଗ ସମୟରେ ଏହି ସମସ୍ତ ସାହାବାଙ୍କ ଉପରେ ପ୍ରସନ୍ନିତ ଥିଲେ ।

*(ଅଲ୍‌ଅସାବାଃ.......... ଖଣ୍ଡ-୪, ପୃ-୨୯୦........... ବେରୁତ ୧୯୯୫)*

ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ଆମୁଲ୍ ଫିଲ୍ ଘଟଣାର ଦଶବର୍ଷ ପରେ ଜନ୍ମ ଗ୍ରହଣ କରିଥିଲେ । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ସେହି ସ୍ୱଚ୍ଛ ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଯିଏ ଅଶିକ୍ଷିତ ଯୁଗରେ ମଧ୍ୟ ମଦକୁ ନିଜ ଉପରେ ନିଷିଦ୍ଧ କରିଥିଲେ । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ପ୍ରାରମ୍ଭିକ ଆଠଜଣ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ । ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଦାରେ ଅର୍‌କମ୍‌କୁ ନିଜର କେନ୍ଦ୍ର ପରିବର୍ତନ କରିଥିଲେ ସେତେବେଳେ ସେ ଏହା ପୂର୍ବରୁ ମଧ୍ୟ ହଜ୍‌ରତ୍ ଅବୁବକର ର:ଅଙ୍କ ତବଲିଗ୍ ମାଧ୍ୟମରେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇସାରିଥିଲେ । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ହବ୍‌ଶା ଆଡ଼କୁ ହିଜ୍‌ରତ୍ କାରୀଙ୍କ ମଧ୍ୟରେ ଦୁଇ ଦୁଇଥର ହିଜ୍‌ରତ୍ କରିବାରେ ସାମିଲ ଥିଲେ ।

*(ରୌଶନ୍ ସିତାରେ ପୃ-୧୦୩,୧୦୪)*

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୯୨............ ବେରୁତ)*

ସହୀ ବୁଖାରୀରେ ବର୍ଣ୍ଣିତ ରହିଛି ଯେ, ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ବର୍ଣ୍ଣନା କରନ୍ତି ଯେ ଯେତେବେଳେ ଆମେମାନେ ମଦିନାକୁ ଆସିଲୁ ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ ମତେ ଓ ସାଆଦ୍ ବିନ୍ ରବି ର:ଅଙ୍କୁ ପରସ୍ପରର ଭାଇ କରିଦେଲେ । ଅର୍ଥାତ ଉଭୟଙ୍କ ମଧ୍ୟରେ ଭାତୃଭାବର ସମ୍ପର୍କ ସ୍ଥାପନ କରିଥିଲେ । ତେବେ ସାଆଦ୍ ବିନ୍ ରବି ର:ଅ କହିଲେ ମୁଁ ଅନ୍‌ସାରଙ୍କ ମଧ୍ୟରୁ ସବୁଠାରୁ ଅଧିକ ଧନୀକ ବ୍ୟକ୍ତି ଉକ୍ତ ଚର୍ଚ୍ଚାଟି ସାଆଦ୍ ବିନ୍ ରବିଙ୍କ ଚର୍ଚ୍ଚାରେ ମଧ୍ୟ ଆସି ସାରିଛି କିନ୍ତୁ ସେ ଯାହା ହେଉ ନା କାହିଁକି ଏଠାରେ ମଧ୍ୟ ମୁଁ ପୂର୍ନବାର ଚର୍ଚ୍ଚା କରିଦେଉଛି । ହଜ୍‌ରତ୍ ସାଆଦ୍ ବିନ୍ ରବି ର:ଅ ତାଙ୍କୁ କହିଲେ ଯେ ମୁଁ ଭାଗ କରି ନିଜର ଅଧା ସମ୍ପତି ଆପଣଙ୍କୁ ଦେଇ ଦେଉଛି ଓ ମୋର ଦୁଇ ଜଣ ପତ୍ନୀ ରହିଛନ୍ତି ଆପଣ ଯାହାଙ୍କୁ ପସନ୍ଦ କରିବେ ମୁଁ ଆପଣଙ୍କ ପାଇଁ ତାଙ୍କ ସହ ବିବାହ ବିଚ୍ଛେଦ କରିନେଉଛି । ଯେତେବେଳେ ତାଙ୍କର ଇଦତ୍‌କାଳ ଅତିବାହିତ ହୋଇଯିବ ସେତେବେଳେ ଆପଣ ତାଙ୍କ ସହ ବିବାହ କରିନେବେ । ଏହା ଶୁଣି ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ହଜ୍‌ରତ୍ ସାଆଦ୍‌ଙ୍କୁ କହିଲେ, ଅଲ୍ଲାଃ ତାଲା ଆପଣଙ୍କ ପରିବାର ଓ ଧନରେ ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ । ମତେ ଏହାର କୌଣସି ଆବଶ୍ୟକତା ନାହିଁ ବା ମୋର ଏହାର ଲୋଡ଼ା ନାହିଁ । କଣ ଏଠାରେ କୌଣସି ବଜାର ରହିଛି ଯହିଁରେ ବ୍ୟବସାୟ କାର୍ଯ୍ୟ କରାଯାଏ ? ହଜ୍‌ରତ୍ ସାଆଦ୍ କହିଲେ

କୈନ୍‌କାଆ ର ବଜାର ଅଛି । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ଏହା ସନ୍ଧାନ କରି ପ୍ରାତଃ ସେଠାକୁ ଚାଲିଗଲେ ଓ ବ୍ୟବସାୟ ଆରମ୍ଭ କରିଦେଲେ । ସେ ସେଠାରେ ପନୀର ଓ ଘିଅର ବେପାର କଲେ ଓ କିଛି ସଂଚୟ କରି ତାହା ହଜ୍‌ରତ୍ ସାଆଦ୍‌ଙ୍କ ପରିବାରବର୍ଗଙ୍କ ନିକଟକୁ ନେଇ ଆସିଲେ । ପୁନଶ୍ଚ ସେହିପରି ପ୍ରତ୍ୟେକ ସକାଳେ ସେହି ବଜାରକୁ ଚାଲିଯାଉଥିଲେ ଓ ବ୍ୟବସାୟ କରୁଥିଲେ । ଶେଷରେ ଲାଭବାନ ହୋଇ ବେଶ୍ ଅର୍ଥ ଉପାର୍ଜନ କରିନେଲେ । ବର୍ତ୍ତମାନ କିଛି କାଳ ହିଁ ଅତିବାହିତ ହୋଇନଥିବ ଯେ, ହଜ୍‌ରତ୍ ଅବୁ ଅବ୍‌ଦୁର୍ ରହ୍‌ମାନ ଆସିଲେ ଓ ତାଙ୍କ ଉପରେ ଜାଫ୍ରାନ୍‌ର ଚିହ୍ନ ଥିଲା । ହଜୁର ସ:ଆ:ସ ତାଙ୍କୁ ପ୍ରଶ୍ନ କଲେ କଣ ତୁମେ ବିବାହ କରିନେଇଛ ? ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ଉତର ଦେଲେ ଆଜ୍ଞା ହଁ । ହଜୁର ସ:ଆ:ସ କହିଲେ କାହାକୁ ବିବାହ କରିଛ, ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ପ୍ରତିଉତରରେ କହିଲେ ଅନ୍‌ସାରର ଜଣେ ନାରୀଙ୍କୁ ବିବାହ କରିଛି । ହଜୁର ସ:ଆ:ସ କହିଲେ କେତେ ମେହେର୍ ରଖିଛ । ଉତର ଦେଲେ ଏକ ଟାକୁଆ ସଦୃଶ ସୁନା । ନବୀ ସ:ଆ:ସ କହିଲେ ତାହାଲେ ଗୋଟିଏ ଛେଳି ହେଉନା କାହିଁକି ନିଜର ୱଲେମା କର ।

*(ସହି ବୁଖାରୀ......... ହଦିସ୍ ୨୦୪୮-୨୦୪୯)*

ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ବର୍ଣ୍ଣନା କରନ୍ତି ଯେ ମୁଁ ନିଜକୁ ଏହି ଅବସ୍ଥାରେ ଉପନୀତ ହେଉଥିବାର ଦେଖିଲି ଯେ ଯଦି ମୁଁ କୌଣସି ପଥର ବି ଉଠାଉଥିଲି ତେବେ ମୁଁ ଏହା ଆଶା କରୁଥିଲି ଯେ ପଥର ତଳୁ ମତେ ସ୍ୱର୍ଣ୍ଣ କିମ୍ବା ରୂପା ମିଳିଯିବ । ଅର୍ଥାତ ଅଲ୍ଲାଃ ତାଲା ତାଙ୍କ ବ୍ୟବସାୟରେ ଏଭଳି ବର୍‌କତ୍ ପ୍ରଦାନ କରିଥିଲେ କି ସେ ଖୁବ୍ ସ୍ୱଳ୍ପ ସମୟରେ ବେଶ୍ ଧନବାନ ବ୍ୟକ୍ତି ପାଲଟି ଯାଇଥିଲେ ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୨୪............ ବେରୁତ ୧୯୯୦)*

ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ବଦର୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହଜୁର ସ:ଆ:ସଙ୍କ ସହିତ ସାମିଲ ହୋଇଥିଲେ ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୯୫ ............ ବେରୁତ ୧୯୯୦)*

ବଦର ଯୁଦ୍ଧରେ ଏକ ଘଟଣା ସମ୍ପର୍କରେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ବର୍ଣ୍ଣନା କରନ୍ତି, ଯେ ମୁଁ ବଦର ଯୁଦ୍ଧରେ ସାମିଲ ଥିବା ଅବସ୍ଥାରେ ନିଜର ବାମପାର୍ଶ୍ୱ ଆଡ଼କୁ ଦୃଷ୍ଟିପାତ କଲି ତେବେ ମୁଁ କଣ ଦେଖିଲି ଯେ ଦୁଇଜଣ ଅନ୍‌ସାରୀ ବାଳକ ଯେ ଖୁବ୍ କମ୍ ବୟସ୍କର ଥିଲେ ଅର୍ଥାତ ସେମାନେ ସାବାଳକ ହୋଇନଥିଲେ । ମୋ ଦୁଇପାର୍ଶ୍ୱରେ ଦଣ୍ଡାୟମାନ ଥିଲେ । ମୁଁ ଏହା ଇଚ୍ଛା ପ୍ରକାଶ କଲି ଯେ, ମୁଁ ବି ଏପରି ଲୋକମାନଙ୍କ ଗହଣରେ ଥାଆନ୍ତି କି ଯେଉଁମାନେ ଏମାନଙ୍କଠାରୁ ବି ଅଧିକ ସବଳ ଓ ସ୍ୱାସ୍ଥ୍ୟବାନ ଯୁବକ ହୋଇଥାନ୍ତେ । ଏତିକି ବେଳେ ସେମାନଙ୍କ ମଧ୍ୟରୁ ଜଣେ ମୋ ହାତକୁ ଚାପି ଦେଇ କହିଲେ, ଚଚା ଆପଣ ଅବୁ ଜହଲ୍‌ଙ୍କୁ ଚିହ୍ନିଛନ୍ତି ମୁଁ କହିଲି ହେ ପୁତୁରା ତୁମର ତାଙ୍କ ନିକଟରେ କଣ କାମ ? ସେ ଉତର ଦେଲା ଯେ, ମୁଁ ଶୁଣିଛି ସେ ମକ୍କାରେ ରସୁଲୁଲ୍ଲାଃ ସ:ଆ:ସଙ୍କ ଉପରେ ସେ ଅତ୍ୟାଚାର ଓ କଟୁଭାଷା କହୁଥିଲା ଏବଂ ମୁଁ ସେହି ସର୍ଦାରଙ୍କର ଶପଥ କରି କହୁଛି ଯାହାଙ୍କ ହସ୍ତରେ ମୋର ପ୍ରାଣବାୟୁ ରହିଛି ଯେ ପର୍ଯ୍ୟନ୍ତ ଆମ ଦୁହିଁଙ୍କ ମଧ୍ୟରୁ ସେହି ବ୍ୟକ୍ତିର ପ୍ରଥମ ମୃତ୍ୟୁ ନ ଘଟିସାରିଛି ଯାହାର ବନ୍ଧ ହେବା ପୂର୍ବରୁ ନିର୍ଦ୍ଧାରିତ ରହିଛି ସେ ପର୍ଯ୍ୟନ୍ତ ମୋର ଆଖି ତା'ଠାରୁ ପୃଥକ ହେବନାହିଁ । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ କୁହନ୍ତି ଯେ ମୁଁ ତା କଥାରୁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଚକିତ ହେଲି । ପୁନଶ୍ଚ ଦ୍ୱିତୀୟ ଯୁବକ ମୋର ହାତକୁ ଚାପିଧରି ସେହିପରି ସମାନ କଥା ପଚାରିଥିଲା । ବର୍ତ୍ତମାନ ଅଧିକ ସମୟ ବିତିନଥିବ କି ମୁଁ ଅବୁ ଜହଲ୍‌କୁ ଲୋକମାନଙ୍କ ଗହଣରେ ଚଲାବୁଲା କରୁଥିବାର ଦେଖିଲି । ମୁଁ କହିଲି ହେ ଦେଖ ସେହି ବ୍ୟକ୍ତି ଯାହା ସମ୍ପର୍କରେ ତୁମେମାନେ ପଚାରୁଥିଲ ଏହା ଶୁଣିବାମାତ୍ରେ ସେହି ଦୁଇ ତରୁଣ ଯୁବକ ଦ୍ରୁତ ବେଗରେ ନିଜ ଖଡ୍ଗ ଧରି ତା ଆଡ଼କୁ ଧାଇଁଲେ ଏବଂ ତାହାକୁ ଏପରି ନିର୍ମମ ଭାବରେ ମାରିଲେ ଯେ ସେ କ୍ଷତବିକ୍ଷତ ହୋଇଗଲା ଏବଂ ପୁଣି ହଜୁର ସ:ଆ:ସଙ୍କ ନିକଟକୁ ଫେରି ଆସି ଉକ୍ତ ଘଟଣା ସମ୍ପର୍କରେ ହଜୁର ସ:ଆ:ସଙ୍କୁ ସୁଚିତ କଲେ । ହଜୁର ପ୍ରଶ୍ନ କଲେ ଯେ, ତୁମ ଦୁହିଁଙ୍କ ମଧ୍ୟରୁ କିଏ ତାହାର ବନ୍ଧ କରିଛ ? ଦୁହେଁ କହିଲେ ମୁଁ ତାକୁ ବନ୍ଧ କରିଛି । ହଜୁର ସ:ଆ:ସ କହିଲେ କଣ ତୁମେମାନେ ନିଜର ଖଡ୍ଗକୁ ପୋଛି ସଫା କରିଦେଇଛ ? ସେମାନେ କହିଲେ ନାଁ, ହଜୁର ସ:ଆ:ସ ସେମାନଙ୍କ ଖଡ୍ଗକୁ ଦେଖିଲେ ଏବଂ ଦେଖିବାପରେ କହିଲେ ତୁମେ ଦୁହେଁ ହିଁ ତା'ର ବନ୍ଧ କରିଛ । ତା'ର ମାଲେ ଗନିମତ୍‌ର ଜିନିଷ ମୁଆଜ୍ ବିନ୍ ଅମ୍‌ରୋ ବିନ୍ ଜୁମୁଙ୍କୁ ମିଳିଲା ଏବଂ ସେହି ଦୁହିଁଙ୍କ ନାମ ମୁଆଜ୍ ଥିଲା, ମୁଆଜ୍ ବିନ୍ ଇଫ୍‌ରା ଓ ମୁଆଜ୍ ବିନ୍ ଅମ୍‌ରା । ଏହି ଆଲୋଚ୍ୟ ବର୍ଣ୍ଣନାଟି ବୁଖାରୀର ଅଟେ ।

ଅବୁ ଜହଲ୍‌ର ବନ୍ଧ ସନ୍ଦର୍ଭରେ ଏହି ବିସ୍ତୃତ ବିବରଣୀ ପୂର୍ବେ ମଧ୍ୟ ବର୍ଣ୍ଣିତ ହୋଇଯାଇଛି । ମୁଁ ପୁର୍ନବାର ଏଠାରେ ବର୍ଣ୍ଣନା କରିଦେଉଛି । କେତେକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଅଫରାଆଙ୍କର ଦୁଇପୁତ୍ର ଯଥା ମୁଆଓ୍ୱିଜ୍ ଓ ମୁଆଜ୍ ଏ ଦୁହେଁ ଅବୁ ଜହଲ୍‌ଙ୍କୁ ହତ୍ୟା କରିବାର ଖୁବ୍ ନିକଟରେ ପହଂଚାଇ ଦେଇଥିଲେ ଏବଂ ପରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ତା'ର ସ୍କନ୍ଧଚ୍ୟୁତ କରିଥିଲେ । ଇମାମ୍ ଇବ୍‌ନେ ହଜର୍ ଉକ୍ତ ସନ୍ଦେହ ପରିପ୍ରକାଶ କରିଛନ୍ତି ଯେ, ମୁଆଜ୍ ବିନ୍ ଅମ୍‌ରୋ ଓ ମୁଆଜ୍ ବିନ୍ ଇଫ୍ରାଙ୍କ ପରେ ମୁଓ୍ୱିଜ୍ ବିନ୍ ଇଫ୍ରା ମଧ୍ୟ ତା ଉପରେ ପ୍ରହାର କରିଥିବେ । ଏହା ମଧ୍ୟ ବୁଖାରୀରେ ବ୍ୟାଖ୍ୟା ଫତ୍‌ହୁଲ୍ ବାରୀରେ ଉଲ୍ଲେଖିତ ରହିଛି ।

*(ସହି ବୁଖାରୀ........... ହଦିସ୍ ୩୧୪୧) (ଫତହୁଲ୍ ବାରି......... ଖଣ୍ଡ-୭, ପୃ-୨୯୫-୨୯୬.......)*

ଉକ୍ତ ଘଟଣାକୁ ବର୍ଣ୍ଣନା କରି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ନିଜ ଭାଷାରେ ଏପରି ଉଲ୍ଲେଖ କରିଛନ୍ତି ଯେ, ଅବୁ ଜହଲ୍ ଯିଏ ମକ୍କାର ସମସ୍ତ ଜାତିର ଅଧିପତି ଓ ଅବିଶ୍ୱାସକାରୀଙ୍କ ସେନାଧକ୍ଷ ଥିଲା । ଯେତେବେଳେ ସେ ବଦର୍ ଯୁଦ୍ଧ ଅବସରରେ ସୈନ୍ୟଦଳର ଅନୁକ୍ରମ କରୁଥିଲା ସେତେବେଳେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅଙ୍କ ପରି ଜଣେ ଅଭିଜ୍ଞ ଜେନେରାଲ୍ କୁହନ୍ତି ଯେ ମୁଁ ନିଜ ବାମପାର୍ଶ୍ୱ ଓ ଦକ୍ଷିଣପାର୍ଶ୍ୱରେ ଦୁଇଜଣ ୧୫ବର୍ଷୀୟ ଅନ୍‌ସାରୀ ବାଳକଙ୍କୁ ଦେଖିଲି । ମୁଁ ସେମାନଙ୍କୁ ଦେଖି କହିଲି ଯେ ଆଜି ମନରେ ସମସ୍ତ ଅଭିଳାଷାକୁ ପରିପ୍ରକାଶ କରିବାର ଅବସର ଆସିନାହିଁ । ଦୁର୍ଭାଗ୍ୟ ବସତଃ ମୋର ଆଖପାଖରେ ଅନଭିଜ୍ଞ ବାଳକ ଦ୍ୱୟ ଥିଲେ ଏବଂ ତାହା ପୁଣି ଅନ୍‌ସାରୀ ବାଳକ ଦ୍ୱୟ ଛିଡ଼ା ହୋଇଛନ୍ତି ଯେଉଁମାନଙ୍କର ଯୁଦ୍ଧ କୌଶଳର କୌଣସି ଅଭିଜ୍ଞତା ନାହିଁ ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଉଲ୍ଲେଖ କରନ୍ତି ଯେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ କୁହନ୍ତି ଯେ ମୁଁ ସେହି ଚିନ୍ତାରେ ମଗ୍ନ ଥିଲି କି ଦକ୍ଷିଣ ପାର୍ଶ୍ୱରୁ ମୋ କହୁଣୀରେ କହୁଣୀ ବାଜିଲା ମୁଁ ଭାବିଲି ଯେ ଦକ୍ଷିଣପାର୍ଶ୍ୱର ବାଳକ ମତେ କିଛି କହିବାକୁ ଚାହୁଁଛି । ମୁଁ ତା ଆଡ଼କୁ ଢ଼ଳି ପଡ଼ିବାରୁ ସେ ମତେ ପଚାରିଲା ଚଚା ଆପଣ ଟିକେ ନଇଁ ଯାଆନ୍ତୁ ମୁଁ ଆପଣଙ୍କ କାନରେ ଗୋଟେ କଥା କହିବାକୁ ଚାହେଁ ଯେପରି ମୋ ସାଥି ଆମର କଥା ନ ଶୁଣି ନେଉ । ସେ କୁହନ୍ତି ମୁଁ ଯେତେବେଳେ ମୋର କାନ ତା ଆଡ଼କୁ ଢ଼ଳି ଦେଲି ସେତେବେଳେ ସେ

ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Mufleh-u-ddin Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

**ତାଲିବେ ଦୁଆ:** *Sharif-u-ddin Khan, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

**ତାଲିବେ ଦୁଆ:** *Amiruddin Khan & Family, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ମୁବଶିର୍ ଅହେମଦ୍ ସାହେବ ଅଫିସର ଜଲ୍ସା ସାଲାନା ହଲାଣ୍ଡ, ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ।

ଏହି ଅବସରରେ ନନସ୍ୱିଟ୍‌ର ନାଏବ୍ ଲର୍ଡ଼ ମେୟର Mr. Van De Berj ସାହେବ ମଧ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇବାକୁ ଆସିଥିଲେ । ସେହିପରି ଯମାତ୍‌ର ମର୍‌କଜ୍ ବଇତୁଲ୍ ନୂରର ପଡ଼ୋଶୀ Mr. Jaap ମଧ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇବାକୁ ଆସିଥିଲେ । ସେ ମହାଶୟ ଡ଼ଚ୍ ଆର୍ମୀରେ ମେଜର ପୋଷ୍ଟରେ ଅଛନ୍ତି । ଏହି ଦୁଇଜଣ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ନାଏବ ଲର୍ଡ଼ ମେୟର ଶୁଭେଚ୍ଛା ଜଣାଇ ଏକଥା କହିଲେ ଯେ, ସ୍ୱୟମ ମେୟର ସାହେବଙ୍କୁ ଆସିବାର ଥିଲା କିନ୍ତୁ ସେ ଗୋଟିଏ ଜରୁରୀ ମିଟିଙ୍ଗରେ ଯୋଗ ଦେବା ଯୋଗୁଁ ଆସିପାରିଲେ ନାହିଁ । ପୁଣି ସେ କହିଲେ ଯେ, ଶନିବାର ଦିନ ହେବାକୁ ଥିବା ପ୍ରୋଗ୍ରାମରେ ମଧ୍ୟ ଆମେ ସାମିଲ ହେବୁ ।

ଏହି ଅବସରରେ ଗୋଟିଏ ପିଲା ଅଜିଜମ୍ ଜି ଶାନ୍ ଓ୍ୱଲିଦ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ସେବାରେ ଫୁଲତୋଡ଼ା ପେଶ୍ କଲେ ଓ ଆଉ ଜଣେ ଝିଅପିଲା ଅଜିଜାଃ ନାଜିଆ ଅସ୍‌ଲମ୍ ହଜ୍‌ରତ୍ ବେଗମ୍ ସାହିବା ମଦିଜିଲ୍‌ହଲ୍ ଆଲିଙ୍କ ସେବାରେ ଫୁଲ ପେଶ୍ କଲେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ନିଜର ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୁ ଆଲୈକୁମ୍ କହିଲେ, ତା'ପରେ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ ଜଣାଇବା ପାଇଁ ହଲାଣ୍ଡର ବିଭିନ୍ନ ଯମାତ୍‌ଗୁଡ଼ିକରୁ ଆବାଳବୃଦ୍ଧବନିତା ଦ୍ୱିପ୍ରହରରୁ ହିଁ ଯମାତ୍‌ର ମର୍‌କଜ୍ ବଇତୁଲ୍ ନୂର୍‌ଠାରେ ପହଂଚିବା ଆରମ୍ଭ କରିଦେଇଥିଲେ । ନନ୍‌ସ୍ୱିଟ୍‌ର ସ୍ଥାନୀୟ ଯମାତ୍ ବ୍ୟତିତ ନିମ୍ନଲିଖିତ ଯମାତ୍‌ଗୁଡ଼ିକରୁ ଯମାତ୍‌ର ଶ୍ରଦ୍ଧାଳୁମାନେ ଯାତ୍ରା କରି ନନ୍‌ସ୍ୱିଟ୍‌ଠାରେ ପହଂଚିଥିଲେ ଓ ସମସ୍ତେ ନିଜ ପ୍ରୀୟ ଆକାଙ୍କ ଆଗମନର ଅପେକ୍ଷାରେ ଥିଲେ ।

| | |
|---|---|
| Den Haag | Utrecht |
| Zuidoost | Lieden |
| Eindhoven | Denbosch |
| Groningen | Amsterdam |
| Zwolle | Amstelveen |
| Arnhem | Rotterdam |
| Maastricht | Leuwaarden |

ଏମାନେ ସମସ୍ତେ ନିଜର ପ୍ରୀୟ ଆକାଙ୍କୁ ଦର୍ଶନ କଲେ ଓ ସମସ୍ତେ ସେହି ପବିତ୍ରମୟ କ୍ଷଣରୁ ଲାଭାନ୍ୱିତ ହେଲେ ।

ଠିକ୍ ସାଢ଼େ ଆଠଟା ସମୟରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ବଇତୁଲ୍ ନୂରରେ ପଦାର୍ପଣ କରି ମଗ୍‌ରିବ୍ ଓ ଇଶା ନମାଜ ଯମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ କରିବାପାଇଁ ହଲାଣ୍ଡ୍‌ର ବିଭିନ୍ନ ଯମାଅତ୍ ଗୁଡ଼ିକରୁ ଯେଉଁ ଅହେମଦୀ ପୁରୁଷ ଓ ମହିଳାମାନେ ବଇତୁଲ୍ ନୂର ମସ୍‌ଜିଦ୍ ଠାରେ ପହଂଚିଥିଲେ, ସେମାନେ ସମସ୍ତେ ମଗ୍‌ରିବ ଓ ଇଶା ନମାଜ ନିଜ ପ୍ରୀୟ ଆକାଙ୍କ ଅଧକ୍ଷତାରେ ପଢ଼ିବାର ସୌଭାଗ୍ୟ ପ୍ରାପ୍ତ କଲେ । ସେମାନେଙ୍କ ମଧ୍ୟରୁ କିଛି ଲୋକ ପାକିସ୍ତାନରୁ ଆସି ଏଠାରେ ପହଂଚିଥିଲେ ଓ ସେମାନଙ୍କ ଜୀବନକାଳ ମଧ୍ୟରେ ନିଜ ପ୍ରୀୟ ଆକାଙ୍କ ପଛରେ ଏହା ସେମାନଙ୍କର ପ୍ରଥମ ନମାଜ ପାଠ ଥିଲା । ଏହି ଲୋକମାନେ ନିଜର ଏହି ସୌଭାଗ୍ୟ ପ୍ରାପ୍ତି ଯୋଗୁଁ ଅତ୍ୟନ୍ତ ଆନ୍ଦୋଳିତ ଥିଲେ ଓ ସେମାନଙ୍କୁ ଏକ ନୂଆ ଜୀବନ ପ୍ରାପ୍ତ ହେଉଥିଲା । ଅଲ୍ଲାଃ ତାଲା ଏହି ସୌଭାଗ୍ୟ ଆମ ସମସ୍ତଙ୍କ ପାଇଁ ବାବର୍‌କତ୍ କରନ୍ତୁ । ଆମିନ୍ ।

ନନ୍‌ସ୍ୱିଟ୍‌ରେ ଥିବା ଯମାତ୍‌ର ମର୍କଜ (କେନ୍ଦ୍ର) ''ବଇତୁଲ୍ ନୂର'' ଏକ ବିରାଟ ଦୈର୍ଘ୍ୟ ଓ ପ୍ରସ୍ଥ ବିଶିଷ୍ଟ ଅଟ୍ଟାଳିକାରେ ଆଚ୍ଛାଦିତ । ଏହାର କ୍ଷେତ୍ରଫଳ ହେଉଛି ସଓ୍ୱା ଏକର (ଅର୍ଥାତ ଏକ ଚତୁର୍ଥାଂଶ ଏକର) । ଏହି Complex ରେ ତିନୋଟି ବଡ଼ ବଡ଼ ଅଟ୍ଟାଳିକା ରହିଛି ଯାହା ତିନୋଟି ବ୍ଲକ ରୂପରେ ରହିଛି । ବ୍ଲକ (A) ତିନି ମହଲା ବିଶିଷ୍ଟ । ଏହାର ପ୍ରଥ ମହଲାରେ ଗୋଟିଏ ବଡ଼ ହଲ୍ ରହିଛି ତାହା ୧୯୮୫ ମସିହାରୁ ୨୦୧୪ ମସିହା ପର୍ଯ୍ୟନ୍ତ ଅର୍ଥାତ ଉଣା ଅଧିକେ ତିରିଶି ବର୍ଷ ମସ୍‌ଜିଦ୍ ରୂପେ ବ୍ୟବହୃତ ହେଉଥିଲା । ଏତଦ୍ ବ୍ୟତିତ ଏହି ଅଟ୍ଟାଳିକାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ମହଲାରେ ୨୨ ଟି କୋଠରୀ ରହିଛି । ସେହି କୋଠରୀ ଗୁଡ଼ିକର ଏକ ବହୁତ ବଡ଼ ସଂଖ୍ୟା ଅତିଥିମାନଙ୍କ ଆବସସ୍ଥଳୀ ରୂପେ ବ୍ୟବହାର କରାଯାଉଅଛି । ଏତଦ୍ ବ୍ୟତିତ ସ୍ନାନାଗାର ଓ ରୋଷଶାଳା ଅଲଗା ରହିଛି । ଲଙ୍ଗର ଖାନା ର ବ୍ୟବସ୍ଥା ମଧ୍ୟ ଏହି ଅଟ୍ଟାଳିକା ସହିତ ସଲଗ୍ନ ରହିଛି । ଯମାତ୍‌ର ଲାଇବ୍ରେରୀ ମଧ୍ୟ ଏହି ଅଟ୍ଟାଳିକାରେ ଅବସ୍ଥିତ ।

ଦ୍ୱିତୀୟ ବ୍ଲକ (B) ଟି ମଧ୍ୟ ତିନି ମହଲା ବିଶିଷ୍ଟ ଅଟେ । ଏହା ପ୍ରଥମ ଦୁଇଟି ମହଲାରେ ତିନୋଟି ହଲ୍ ରହିଛି ଓ ତୃତୀୟ ମହଲାରେ ସାତୋଟି ଗେଷ୍ଟ ହାଉସ୍ ଅର୍ଥାତ ଆବାସିକ ଆପର୍ଟମେଂଟ ରହିଛି ।

ତୃତୀୟ ବ୍ଲକ (C) । ଯାହାର ଏକ ଅଂଶକୁ ୨୦୧୪ ମସିହାଠାରୁ ମସ୍‌ଜିଦ୍ ଆକାରେ ପରିବର୍ତ୍ତନ କରିଦିଆଯାଇଅଛି ଓ ନିୟମିତ ମେହ୍‌ରାବ ଇତ୍ୟାଦି ନିର୍ମାଣ କରାଯାଇଅଛି । ଏତଦ୍ ବ୍ୟତିତ ଏହି ବ୍ଲକ୍‌ରେ ଦୁଇଟି କାର୍ଯ୍ୟାଳୟ ଓ ଗୋଟିଏ ଆବାସିକ ସ୍ଥଳୀ ମଧ୍ୟ ରହିଛି । ଏହି କମ୍ପଲେକ୍ସରେ ଉକ୍ତ ତିନୋଟି ବ୍ଲକ୍ ବ୍ୟତିତ ଗୋଟିଏ ଆବାସିକ ବଙ୍ଗଳା ମଧ୍ୟ ରହିଛି । ଏହି କମ୍ପଲେକ୍ସଟିକୁ ୧୯୮୫ ମସିହାରେ କ୍ରୟ କରାଯାଇଥିଲା । ନନ୍‌ସ୍ୱିଟ୍ ଇଲାକାଟି ବହୁତ ସୁନ୍ଦର ଇଲାକା । ଗୋଟିଏ ହ୍ରଦର ଚତୁଃପାର୍ଶ୍ୱରେ ଅତ୍ୟନ୍ତ ସୁନ୍ଦର ଜଙ୍ଗଲ ଦ୍ୱାରା ଆଚ୍ଛାଦିତ ଏବଂ ଏକ ଶାନ୍ତିପୂର୍ଣ୍ଣ ପରିବେଶ ବିଶିଷ୍ଟ ସ୍ଥାନ ।

୧୯୮୫ ମସିହାରେ ଯେବେ ସେହି ସ୍ଥାନଟିକୁ ଖରିଦ କରାଗଲା, ସେତେବଳେ ଏଠି ନନ୍‌ସ୍ୱିଟ୍‌ରେ କେବଳ ଗୋଟିଏ ଅହେମଦୀ ପରିବାର ରହୁଥିଲା । ନନ୍‌ସ୍ୱିଟ୍ ରେ ଧିରେ ଧିରେ ଯମାତ୍‌ର ସଂଖ୍ୟା ବଢ଼ିଲା । ୨୦୧୪ ମସିହାରେ ନନ୍‌ସ୍ୱିୟ୍‌ରେ ଅହେମଦୀମାନଙ୍କର ସଂଖ୍ୟା ୧୫୫ରୁ ଅଧିକା ହୋଇଗଲା । ଅତଏବ ଏହାକୁ ଦୁଇଟି ଯମାତ୍‌ରେ ବିଭାଯିତ କରିଦିଆଗଲା Nonspeet ଏବଂ Zwolle । ଅଲ୍ଲାଃ ତାଲାଙ୍କ କୃପାରୁ ଏବେ ଏହି ଯମାତ୍ କ୍ଷିପ୍ରଗତିରେ ଉନ୍ନତି କରିଚାଲିଛି । ଏବେ କେବଳ ନନ୍‌ସ୍ୱିଟ୍ ଯମାତ୍‌ର ସଂଖ୍ୟା ୧୪୦ ରୁ ଅଧିକା ହୋଇଗଲାଣି । ଯେବେ କି ତା ନିକଟରେ ଥିବା Zwolle ଯମାତ୍‌ର ଲୋକ ସଂଖ୍ୟା ୯୦ ରୁ ଅଧିକା । ଏହି ଦୁଇଟି ଯମାତ ବ୍ୟତିତ ସାରା ଦେଶରେ ଥିବା ଯମାତ୍ ଗୁଡ଼ିକରୁ ଲୋକମାନେ ଆସି ଏଠାରେ ଏକତ୍ରିତ ହୋଇଛନ୍ତି ଓ ଏକ ଇଦ୍ ପର୍ବର ଦୃଶ୍ୟ ପରିଲକ୍ଷିତ ହେଉଅଛି । ପ୍ରତ୍ୟେକଙ୍କର ଆତ୍ମା ଆନନ୍ଦରେ ବିଭୋର ହେଉଅଛି । ଏହି ଦିନଗୁଡ଼ିକ ଅତ୍ୟନ୍ତ ମୁବାରକ୍ ଓ ବାବରକତ୍ ଦିନ ଅଟେ ।

**୨୬ ସେପ୍ଟେମ୍ବର ୨୦୧୯ (ଗୁରୁବାର)**

ହଜୁର ଅନଓ୍ୱର ଅ:ବ:ଅ ଭୋର୍ ୬:୩୦ ମିନିଟରେ ମସ୍‌ଜିଦ୍ ବଇତୁଲ୍ ନୂର୍‌ରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳେ ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାର ବ୍ୟସ୍ତ ରହିଲେ ।

ହଜୁର ଅନଓ୍ୱର ଅ:ବ:ଅ ଠିକ୍ ଦିନ ୨ଟା ବେଳେ ମସ୍‌ଜିଦ୍ ବଇତୁଲ୍ ନୂର୍‌ଠାରେ ପଦାର୍ପଣ କରି ଜୋହର୍ ଏବଂ ଅସର୍ ନମାଜ ଯମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ନିଜ ଆବାସସ୍ଥଳୀକୁ ଚାଲିଗଲେ । ତୃତୀୟ ପ୍ରହରରେ ମଧ୍ୟ ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

**ଫ୍ୟାମିଲି ସାକ୍ଷାତକାର**

ପ୍ରୋଗ୍ରାମ ମୁତାବକ ଠିକ୍ ୬ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ନିଜ ଦଫ୍‌ତର୍ ଭିତରରେ ପଦାର୍ପଣ କଲେ ଓ ସେଠାରେ ପାରିବାରିକ ସାକ୍ଷାତକାର ଆରମ୍ଭ ହେଲା । ଆଜି ପ୍ରୋଗ୍ରାମ ମୁତାବକ ୪୦ ଟି ପରିବାରର ୧୭୪ ଜଣ ସଦସ୍ୟ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ସମସ୍ତ ପରିବାର ଗୁଡ଼ିକ ହଜୁରଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର ଅନଓ୍ୱର ଅ:ବ:ଅ ଛାତ୍ରଛାତ୍ରୀମାନଙ୍କୁ କଲମ ପ୍ରଦାନ କଲେ ଏବଂ ଛୋଟ ଛୋଟ ପୁଅ ଏବଂ ଝିଅମାନଙ୍କୁ ଚକ୍‌ଲେଟ୍ ପ୍ରଦାନ କଲେ ।

ସାକ୍ଷାତ କରିବାକୁ ଆସିଥିବା ଏହି ଫ୍ୟାମିଲିଗୁଡ଼ିକ ନନ୍‌ସ୍ୱିଟ୍ ବ୍ୟତିତ ନିମ୍ନଲିଖିତ ଯମାତ୍‌ଗୁଡ଼ଇକରୁ ଆସିଥିଲେ ।

| | |
|---|---|
| Almere | Rotterdam |
| Zwolle | Eindhoven |
| Den Haaq | Denbosch |
| --- | Utrecht |

ଉଣା ଅଧିକେ ଏହି ସବୁ ଫ୍ୟାମିଲିଗୁଡ଼ିକ ଏପରିଥିଲା ବା କେତୋଟି ଫ୍ୟାମିଲିର ଏକ ଅଂଶ ଏପରି ଥିଲା ଯିଏ ନିଜ ଜୀବନରେ ନିଜ ପ୍ରୀୟ ଆକାଙ୍କୁ ଦର୍ଶନ କରିବାର ପ୍ରଥମଥର ପାଇଁ ସୌଭାଗ୍ୟ ପାଇଥିଲା । ଆଜିର ଏହି ଦିନଟି ତାଙ୍କ

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

**ତାଲିବେ ଦୁଆ:** *Hawa Bibi & Family,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

**ତାଲିବେ ଦୁଆ:** *Majlis Lajna Imaillah,*
*Jamat Ahmadiyya, Pankal (Odisha)*

ଜୀବନର ଅତ୍ୟନ୍ତ ବାବରକତ୍ ଓ ଅଲ୍ଲାହଙ୍କ କୃପାରେ ପରିପୂର୍ଣ୍ଣ ଦିନ ଥିଲା । ଏହି ଦିନକୁ ଏବଂ ନିଜ ପ୍ରୀୟ ଆକାଙ୍କ ହସିତ ହୋଇଥିବା ସାକ୍ଷାତକାରର ସେହି କ୍ଷଣଗୁଡ଼ିକୁ ସେହି ଲୋକମାନେ ଓ ସେମାନଙ୍କ ସନ୍ତାନମାନେ ସର୍ବଦା ମନେ ରଖିବେ । ଖଲିଫତୁଲ୍ ମସିହଙ୍କ ସାନ୍ନିଧ୍ୟରେ ପ୍ରାପ୍ତ ହୋଇଥିବା ଏହି କିଛି ଘଂଟା ତାଙ୍କ ଜୀବନକାଳର ସମ୍ପତି ଥିଲା । ମଣିଷ ଜୀବନରେ କିଛି ସମୟ ଏପରି ଆସିଥାଏ ଯାହା ତା ଜୀବନକୁ ପରିବର୍ତନ କରିଦେଇଥାଏ । ପ୍ରୀୟ ଆକାଙ୍କ ନିକଟରେ ବିତାଇଥିବା ଏହି କଛି କ୍ଷଣ ନିଶ୍ଚିତରୂପେ ସେହି କ୍ଷଣ ଥିଲା ଯାହା ଜଣେ ମଣିଷର ଧର୍ମକୁ ସଜାଡ଼ିବା ସହିତ ତା ସଂସାରକୁ ମଧ୍ୟ ସଜାଡ଼ି ଦେଇଥାଏ ଓ ଏକ ନୂଆ ଜୀବନ ପ୍ରଦାନ କରିଥାଏ ।

ସାକ୍ଷାତ କରିଥିବା ଲୋକମାନଙ୍କ ମଧ୍ୟରେ ଜଣେ ବନ୍ଧୁ ଶ୍ରୀମାନ୍ ଇରଫାନ୍ ଏଜାଜ୍ ସାହେବ (ଯାହାଙ୍କର ସମ୍ବନ୍ଧ ଯମାତ୍ ଅହେମଦୀୟା ଦୁଧା ଜିଲ୍ଲା ସର୍ଗୋଧା ସହିତ ରହିଛି), ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ହଜୁର ଅନୱର ଅ:ବ:ଅଙ୍କୁ ଦେଖିବା ପରେ ମୋର ଯେଉଁ ଅବସ୍ଥା ଥିଲା, ମୋର ଯେଉଁ ଭାବପ୍ରବଣତା ଥିଲା, ତାହା ମୁଁ ବର୍ଣ୍ଣନା କରିବାକୁ ଅସମର୍ଥ । ମୋ ଶରୀର ଥରି ଯାଉଥିଲା । ହଜୁର ଅନୱର ଅ:ବ:ଅ ଆମ ସହିତ ବହୁତ ସ୍ନେହ ଓ ପ୍ରେମର ସହିତ କଥା ହେଲେ । ଆମକୁ ବହୁତ ଶାନ୍ତି ଅନୁଭବ ହେଉଥିଲା । ମତେ କାନ୍ଦ ମାଡୁଥିଲା କିନ୍ତୁ ମୁଁ ବହୁତ କଷ୍ଟରେ ଚାପି ରଖିଲି । ମୋ ସ୍ୱର କମ୍ପନ ପୂର୍ଣ୍ଣ ସ୍ୱର ଥିଲା । ହଜୁର ଅନୱର ଅ:ବ:ଅ ମୋ ପିଲାମାନଙ୍କୁ ବହୁତ ସ୍ନେହ କଲେ । ପିଲାମାନେ ଏ ଇଚ୍ଛା ପ୍ରକାଶ କଲେ କି ଆମେମାନେ ଅଲଗା ହଜୁରଙ୍କ ସହିତ ଫଟୋ ଉଠାଇବୁ । ଯାହାକୁ ଆମେ ଫ୍ରେମରେ ସଜାଡ଼ି ରଖିବୁ । ହଜୁର ଅନୱର ଅ:ବ:ଅ ବହୁତ ଦୟାପରବଶ ହୋଇ ପିଲାମାନଙ୍କର ଇଚ୍ଛା ପୁରଣ କଲେ ଓ ପିଲାମାନେ ନିଜ ପ୍ରୀୟ ଆକାଙ୍କ ସହିତ ଅଲଗା ଫଟୋ ଉତୋଳନ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ରବୱାରୁ ଆସିଥିବା ଜଣେ ବନ୍ଧୁ ମୁହମ୍ମଦ୍ ସାଦିକ୍ ନଦିମ୍ ସାହେବ ବର୍ଣ୍ଣନା କଲେ ଯେ ମୁଁ ବତାଇ ପାରୁନାହିଁ ଯେ ହଜୁର ଅନୱର ଅ:ବ:ଅଙ୍କ ସହିତ ସାକ୍ଷାତକାର ଖୁଦାତାଲାଙ୍କର ଏତେବଡ଼ ପୁରସ୍କାର ଯେ ମୁଁ ଖୁଦାଙ୍କର କୃତଜ୍ଞତାର ହକ୍‌କୁ ପ୍ରଦାନ କରିପାରିବି ନାହିଁ । ମୋ ଜୀବନର ଗୋଟିଏ ଅଭିଳାଷା ଥିଲା ଯେ କିପରି ହଜୁରଙ୍କ ସହିତ ସାକ୍ଷାତ ହୋଇଯାଉ । ମୁଁ ଏଠାକୁ ଭିଜା ନେଇ ଆସିଥିଲି । ମୋର ଆସାଏଲମ୍ କରିବାର କୌଣସି ମନସ୍ଥ ନଥିଲା ଓ ଏଠାରୁ ମୋର ଫେରିଯିବାର ପ୍ରୋଗ୍ରାମ ଥିଲା । କିନ୍ତୁ ଭିଜାର ଅବଧି ହଜୁର ଅନୱର ଅ:ବ:ଅଙ୍କ ହଲାଣ୍ଡ ଆଗମନ ପୂର୍ବରୁ ଶେଷ ହେଉଥିଲା । ଅନ୍ୟପଟେ ମୁଁ ଜେଣତେଣ ପ୍ରକାରେଣ ହଜୁରଙ୍କ ସହିତ ସାକ୍ଷାକ କରିବାକୁ ଚାହୁଁଥିଲି ଓ ଏଠାରୁ ଆହୁରି ଅଧିକା ଦିନ ରହିବାକୁ ହେଲେ ଆସାଏଲମ୍‌ର ମାର୍ଗ ହିଁ ଖୋଲା ଥିଲା ଅତଏବ୍ ମୁଁ ଆସାଏଲମ୍ କରିଦେଲି ଫଳତ ଆଜି ମୋ ଜୀବନର ଅଭିଳାଷ ପୂରଣ ହୋଇଗଲା । ଆଜି ମୁଁ ଜଣେ ସୌଭାଗ୍ୟବାନ ବ୍ୟକ୍ତି ।

ସରଗୋଧା ସହିତ ସମ୍ବନ୍ଧ ରଖିଥିବା ଇମ୍ରାନ୍ ଅହ୍‌ମଦ୍ ସାହେବ୍ ନିଜ ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ଯେ ମତେ କହିବାକୁ ଅସୁବିଧା ହେଉଅଛି । ତାଙ୍କ ସ୍ୱରା କ୍ଷୀଣ ହୋଇଯାଉଥିଲା । କିଛି ସମୟ ବିରତି ପରେ ସେ କହିଲେ ଯେ ମତେ ଏତେ ଶାନ୍ତି ମିଳିଲା ଓ ମୋ ହୃଦୟ ସାନ୍ତ୍ୱନାରେ ଭରିଗଲା । ଆମ ମନ ଚାହୁଁଥିଲା ଯେ ଏହିଭଳି ହଜୁରଙ୍କ ସହିତ କଥା/ବାର୍ତାଳାପ ଜାରି ରହିଥାଉ । ହଜୁର କହି ଚାଲନ୍ତୁ ଓ ଆମେ ଶୁଣୁଥାଉ ଓ ହଜୁରଙ୍କୁ ଦର୍ଶନ କରୁଥାଉଁ । ଆମର ପୁରା ପରିବାର ହଜୁର ଅନୱର ଅ:ବ:ଅଙ୍କ ଚେହେରାରେ ଜ୍ୟୋତି ହିଁ ଜ୍ୟୋତି ଦେଖିଲା । ଆମ ପିଲାମାନେ ମଧ୍ୟ ବହୁତ ଆନନ୍ଦିତ । ହଜୁର ଅନୱର ଅ:ବ:ଅ ପିଲାମାନଙ୍କୁ ବହୁତ ସ୍ନେହ କଲେ ଓ ଚକୋଲେଟ୍ ପ୍ରଦାନ କଲେ ।

| ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାହତାଲାଙ୍କ ପୁରସ୍କାର ମିଳିବ<br>(ଖୁତ୍‌ବା ଜୁମା ପ୍ରଦତ୍ତ ୧୭ ମଇ ୨୦୧୯) |
|---|---|

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

| ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''<br>(ଖୁତ୍‌ବା ଜୁମା ପ୍ରଦତ୍ତ ୩ ଫେବୃୟାରୀ ୨୦୧୭) |
|---|---|

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଆଉ ଗୋଟିଏ ଫ୍ୟାମିଲିର ମୁଖିଆ ଅତାଉଲ୍ ହଇ ସାହେବ୍ ଯାହାଙ୍କ ସମ୍ବନ୍ଧ କାଶ୍ମିର ପ୍ରଦେଶ ସହିତ ରହିଛି, ସେ କହିବାକୁ ଲାଗିଲେ ଯେ, ''ମୁଁ କିଛଇ କହିପାରିଲି ନାହିଁ'' । କାନ୍ଦିବାକୁ ମନ ହେଲା । ହଜୁରଙ୍କ ଚେହେରାରେ ଜ୍ୟୋତି ଭରି ରହିଥିଲା । ମୁଁ କେବେ ଏକଥା ଭାବିନଥିଲି ଯେ ମୋ ଜୀବନରେ କେବେ ଖୁଦାତାଲାଙ୍କ ପ୍ରତିନିଧିଙ୍କ ସହିତ ସାକ୍ଷାତ ହେବ ବୋଲି । ଆଜି ଖୁଦାତାଲାଙ୍କର ମୋ ଉପରେ ଅନୁଗ୍ରହ ଯେ ମୁଁ ତାହାର ସାରା ଜୀବନ କୃତଜ୍ଞତା ଜ୍ଞାପନ କରି ମଧ୍ୟ ତାହାର ହକ୍‌କୁ ପ୍ରଦାନ କରିପାରିବି ନାହିଁ । ଖୁଦାଙ୍କ ପ୍ରତିନିଧିଙ୍କ ସହିତ ମିଶିଲି । ଏହା ମୋ ଜୀବନର କୌଣସି ମାମୁଲି ଘଟଣା ନଥିଲା । ମୁଁ ଏହା କେବେ ଭୂଲାଇ ପାରିବି ନାହିଁ ।

ମାଷ୍ଟର ମକ୍‌ସୁଦ୍ ଅହ୍‌ମଦ୍ ସାହେବ ଯାହାଙ୍କର ସମ୍ବନ୍ଧ କୋଏଟା ସହିତ ରହିଛି, ସେ କହିବାକୁ ଲାଗିଲେ ଯେ, ''ବର୍ତମାନ ମୋ ମନ ଭାବପ୍ରବଣତାରେ ପରିପୂର୍ଣ୍ଣ । ମୁଁ ତାହା ବର୍ଣ୍ଣନା କରିପାରୁନାହିଁ । ମୁଁ ବୁଝିପାରୁନାହିଁ ଯେ କଣ ବର୍ଣ୍ଣନା କରିବି । ମୁଁ ବତାଇବାକୁ ଚାହୁଁଛି ଯେ ଆଜି ହଜୁର ଅନୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବା ପରେ ମୋର ସବୁ ଅସୁବିଧା ଦୂର ହୋଇଯାଇଛି । ସମସ୍ତ ପ୍ରତିବନ୍ଧକ ଶେଷ ହୋଇଯାଇଛି । ମୋ ମନ ହାଲୁକା ହୋଇଯାଇଛି ଓ ମତେ ବହୁତ ଶାନ୍ତି ମିଳିଛି । ଆଜିର ସାକ୍ଷାତକାର ମୋ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ଖୁଦାତାଲାଙ୍କର କୃତଜ୍ଞ ଯେ ଜୀବନରେ ସାକ୍ଷାତ କରିବାର ଅବସର ମିଳିଗଲା । ମୁଁ M.T.A ରେ ହଜୁରଙ୍କୁ ଦେଖୁଥିଲି ଯେ କିଭଳି ଲୋକମାନେ ହଜୁରଙ୍କୁ ଦର୍ଶନ କରିବାପାଇଁ ଧାଡ଼ି ବାନ୍ଧି ଛିଡ଼ା ହୋଇଛନ୍ତି । ମୁଁ ସେତେବେଳେ ଏକଥା ଚିନ୍ତା କରୁଥିଲି ଯେ ଏହା କିପରି ସମ୍ଭବ ହୋଇପାରେ ଯେ ମୁଁ ମଧ୍ୟ ସେହି ଲୋକମାନଙ୍କ ସହିତ ସାମିଲ ହୋଇଯାଏ । ଆଜି ଅଲ୍ଲାଃ ତାଲା ମୋ ମନବାଞ୍ଛା ପୂରଣ କରିଦେଲେ ଯେ ନା କେବଳ ମୁଁ ହଜୁର ଅନୱର ଅ:ବ:ଅଙ୍କୁ ଦେଖିବାକୁ ପାଇଲି ବରଂ ହଜୁରଙ୍କ ସହିତ ସାକ୍ଷାତ କରିବାର ଓ କଥା ହେବାର ସୌଭାଗ୍ୟ ପ୍ରାପ୍ତ ହେଲା । ଏହା ମୋ ଜୀବନର ଅମୂଲ୍ୟ ସମ୍ପଦ ।

ରବୱାରୁ ଆସିଥିବା ଜଣେ ବନ୍ଧୁ ତାରିକ୍ ମେହମୁଦ୍ ସାହେବ ଯେବେ ନିଜ ଫ୍ୟାମିଲି ସହିତ ସାକ୍ଷାତ କରି ଦଫ୍ତର୍ ଭିତରୁ ବାହାରକୁ ଆସୁଥିଲେ, ତାଙ୍କୁ ପଚାରିବାରେ ସେ କହିଲେ ଯେ ଆମେ ତ ବହୁ ଦିନରୁ ଏହି ଦିନର ଅପେକ୍ଷାରେ ଥିଲୁଁ । ସୌଭାଗ୍ୟବାନ ଲୋକମାନଙ୍କୁ ଏହି ଦିନ ମିଳିଥାଏ । ମୋ ଫ୍ୟାମିଲି ତାଙ୍କ ଜୀବନ କାଳରେ ପ୍ରଥମଥର ପାଇଁ ଖଲିଫତୁଲ୍ ମସିହଙ୍କୁ ନିଜ ସମ୍ମୁଖରେ ଅତି ନିକଟରେ ଦେଖିବାକୁ ପାଇଲେ । ମୋର ତିନୋଟି ପିଲା ୱକ୍‌ଫେ ନୌରେ ସାମିଲ ଅଛନ୍ତି । ଗୋଟିଏ ଝିଅ ୱକ୍‌ଫେ ନୌରେ ନଥିଲା, ସେ କାନ୍ଦିବାକୁ ଲାଗିଲା ଯେ ମୁଁ କାହିଁକି ୱକ୍‌ଫେ ନୌରେ ନାହିଁ । ହଜୁର ଅନୱର ଅ:ବ:ଅ ତାକୁ ବହୁତ ସାନ୍ତ୍ୱନା ଦେଇ କହିଲେ ତୁମେ ବଡ଼ ହୋଇ ଡାକ୍ତର ହୁଅ ।

ସେ ପୁଣି କହିଲେ ଯେ ମୁଁ ସରକାରଙ୍କଠାରୁ ସୋଶଲ୍ ନେବା ବନ୍ଦ କରି ଦେଇଛି (ଅର୍ଥାତ ଆର୍ଥିକ ସାହାଯ୍ୟ ନେବା ବନ୍ଦ କରି ଦେଇଛି) । ମୁଁ ଏକଥା ହଜୁର ଅନୱର ଅ:ବ:ଅଙ୍କୁ କହିଲି ଯେ ଏହିପରି ମୁଁ ସୋଶଲ୍ ନେବା ବନ୍ଦ କରିଦେଇଛି ଓ ଏଥିରେ ସରକାରି ପ୍ରବନ୍ଧକ କହିଲେ ଯେ ଏହା ନ ନେବା ଦ୍ୱାରା ତୁମେ ବହୁତ ଅସୁବିଧାରେ ପଡ଼ିବ । ଏଥିରେ ମୁଁ ତାଙ୍କୁ ବତାଇଲି ଯେ ଆମ ଇମାମ୍ କହିଛନ୍ତି ଯେ ନିଜେ ରୋଜଗାର କରି ଚଳ ତେଣୁ ମୁଁ ଏବେ ନିଜେ କାମ କରି ଚଳିବି । ସେ କହିଲେ ଯେ ଏହା ଶୁଣି ହଜୁର ମତେ ବହୁତ ଦୁଆ (ଆଶିଷ) ଦେଲେ । ଏବେ ମୋର କିଛି ଚିନ୍ତା ନାହିଁ । ମୋର ସବୁ କାମ ଖୁଦାଙ୍କ କୃପାରୁ ହୋଇଯିବ ।

ମୋକରମ୍ ସୁଲ୍‌ତାନ୍ ଅହ୍‌ମଦ୍ ସାହେବ୍, ଯିଏ ରବୱାରୁ ଆସିଛନ୍ତି, ସେ କହିଲେ ଯେ ଆଜି ଖୁଦାତାଲାଙ୍କର ବଡ଼ କୃପା ହେଲା । ପାକିସ୍ତାନରେ ଥିବା ବେଳେ ଏକଥା କେବେ ଚିନ୍ତା କରିନଥିଲି ଯେ କେବେ ହଜୁରଙ୍କ ସହିତ ସାକ୍ଷାତ ହେବ ବୋଲି । ହଜୁରଙ୍କ ଏମ୍.ଟି.ଏ ରେ ଦେଖୁଥିଲୁ । ଆଜି ମୁଁ ବହୁତ ସୌଭାଗ୍ୟବାନ ହୋଇଯାଇଛି ଓ ଏହି ସୌଭାଗ୍ୟ ମିଳିଥିବାରୁ ବହୁତ ଆନନ୍ଦିତ ।

ତରସ୍‌ସୁଦ୍ ଇନାୟତ୍ ମେହେର୍ ସାହେବ ଯାହାଙ୍କର ସମ୍ବନ୍ଧ ପାକିସ୍ତାନର ଗୁଜରାତ୍ ଅଂଚଳ ସହିତ ରହିଛି । ସେ ୧୯୯୯ ମସିହାରେ ବୟତ କରିଥିଲେ ଓ ନିଜ ଫ୍ୟାମିଲିରେ ସେ ଏକାକି ଅହେମଦୀ । ସେ ବର୍ଣ୍ଣନା କରୁଛନ୍ତି ଯେ ହଜୁରଙ୍କୁ ଦେଖି ବିଶ୍ୱାସ ହେଉନଥିଲା ଯେ ଆମେ ହଜୁରଙ୍କର ଏତେ ନିକଟରେ ବସିଛୁ ଓ ହଜୁରଙ୍କୁ ଦେଖିପାରୁଛୁ । ଖଲିଫତୁଲ୍ ମସିହ୍‌ଙ୍କ ସମ୍ମୁଖରେ ନିଜ ଭାବନାକୁ ଆୟତ କରିବା କଷ୍ଟକର କଥା । ହଜୁରଙ୍କ ଚେହେରାରେ ଆଖିପଡ଼ିବା ମାତ୍ରେ ମନ କହୁଛି ହଜୁରଙ୍କୁ ଏହିଭଳି ଦେଖିଚାଲୁଥାଏ । ଆଖି ଉଠାଇବାକୁ ମନ ହେଉନାହିଁ । ମୁଁ ଜଲ୍‌ସା ସାଲାନା ଜର୍ମାନୀରେ ଯୋଗ ଦେଇଥିଲି ଏବଂ ସବୁବେଳେ ଆଗ ଧାଡ଼ିରେ ବସୁଥିଲି ଯଦ୍ୱାରା ମୁଁ ହଜୁର ଅନୱର ଅ:ବ:ଅଙ୍କୁ ଦେଖିପାରିବି ଯେତେ ଦେଖିଲେ ମଧ୍ୟ ମନ ପୁରୁନାହିଁ । ଆଜି ମୁଁ ଜଣେ ସୌଭାଗ୍ୟବାନ ବ୍ୟକ୍ତି ଯିଏ ଅତି ନିକଟରୁ ହିଁ ହଜୁର ଅନୱର ଅ:ବ:ଅଙ୍କୁ ଦର୍ଶନ କରିବାର ମୌକା ମିଳିଲା । ଏପରି

କ୍ଷଣ ଭାଗ୍ୟବାନଙ୍କୁ ହିଁ ମିଳିଥାଏ ।

ସାକ୍ଷାତକାରର ଏହି ପ୍ରୋଗ୍ରାମ ୮:୧୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର ଅନଓ୍ୱର ଅ:ବ:ଅ ବଇତୁଲ୍ ନୂରଠାରେ ପଦାର୍ପଣ କରି ମଗରିବ ଓ ଇଶା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**୨୭ ସେପ୍ଟେମ୍ବର ୨୦୧୯ ପବିତ୍ର ଶୁକ୍ରବାର**

ହଜୁର ଅନଓ୍ୱର ଅ:ବ:ଅ ଭୋର୍ ୬:୩୦ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ବଇତୁଲ ନୂରଠାରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ସକାଳ ବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ଆଜି ହେଉଛି ପବିତ୍ର ଜୁମା ଆଜି ଅଲ୍ଲାଃ ତାଲାଙ୍କ କୃପାରୁ ଯମାତ୍ ଅହେମଦୀୟା ହଲାଣ୍ଡର ୩୯ତମ ଜଲ୍‌ସା ସାଲାନା ଆରମ୍ଭ ହେଉଥିଲା ଓ ଆଜି ଜଲ୍‌ସା ସାଲାନାର ପ୍ରଥମ ଦିବସ ଥିଲା । ଜଲ୍‌ସା ସାଲାନା ଅନୁଷ୍ଠିତ କରିବାପାଇଁ ଯମାତ୍‌ର ମର୍‌କଜ୍ ବଇତୁଲ୍ ନୂର ନିକଟରେ ହିଁ ଗୋଟିଏ Sports Hall Vossenberg ହାସଲ କରାଯାଇଥିଲା ଓ ସେଠାରେ ପୁରୁଷମାନଙ୍କର ଜଲ୍‌ସାଗାଃ ବନାଯାଇଥିଲା । ଯେବେକି ବଇତୁଲ୍ ନୂରର ପ୍ରାଙ୍ଗଣରେ ସାମିୟାନା ଲଗାଯାଇ ଲଜ୍‌ନାମାନଙ୍କ ପାଇଁ ଜଲ୍‌ସାଗାଃର ବ୍ୟବସ୍ଥା କରାଯାଇଥିଲା । ହଲାଣ୍ଡର ସମସ୍ତ ଯମାତ୍‌ଗୁଡ଼ିକରୁ ଯମାତ୍‌ର ସଦସ୍ୟମାନେ ସକାଳୁ ହିଁ ବଇତୁଲ୍ ନୂରଠାରେ ପହଂଚିବା ଆରମ୍ଭ କରିଦେଇଥିଲେ । ଅନେକ ଲୋକେ ଗୁରୁବାର ଦିନ ସଂଧ୍ୟା ସୁଧା ଏଠାରେ ଆସି ପହଂଚି ଯାଇଥିଲେ । କିନ୍ତୁ ବହୁ ସଂଖ୍ୟାର ଲୋକମାନେ ଶୁକ୍ରବାର ଦିନ ସକାଳୁ ହିଁ ଆସି ପହଂଚିଛନ୍ତି । ହଲାଣ୍ଡର ଯମାତଗୁଡ଼ିକ ବ୍ୟତିତ ଜର୍ମାନୀ, ବ୍ରିଟେନ୍, ବେଲ୍‌ଜିୟମ୍, ଇଟାଲୀ, ଗୋଟେମୋଲା, ଅଷ୍ଟ୍ରିୟା, ପାକିସ୍ତାନ, ମାଲ୍‌ଟା, ଫିନ୍‌ଲ୍ୟାଣ୍ଡ, ସୁଇଜରଲ୍ୟାଣ୍ଡ, ସ୍ୱିଡ଼େନ୍, ଡ଼େନ୍‌ମାର୍କ, ନରୱେ, ଦୁବାଇ, ଆମେରିକା, କାନାଡ଼ା ଏବଂ ଫ୍ରାନ୍ସ ଇତ୍ୟାଦି ଦେଶଗୁଡ଼ିକରୁ ଯମାତ୍‌ର ଶ୍ରଦ୍ଧାଳୁମାନେ ଓ ଫ୍ୟାମିଲିଗୁଡ଼ିକ ଜଲ୍‌ସା ସାଲାନା ହଲାଣ୍ଡରେ ଆସି ଯୋଗ ଦେଇଥିଲେ ।

ୟୁରୋପର କେତେଗୁଡ଼ିଏ ଦେଶରୁ କେତେକ ଲୋକେ ଓ ପରିବାର ୪୦୦ ରୁ ୫୦୦ କିମି ରାସ୍ତା ଅତିକ୍ରମ କରି ଜଲ୍‌ସାରେ ସାମିଲ ହେବାପାଇଁ ହଲାଣ୍ଡରେ ପହଂଚିଥିଲେ । ଯୁମା ଆରମ୍ଭ ହେବା ପୂର୍ବରୁ ହିଁ ପୁରୁଷମାନଙ୍କର ଜଲ୍‌ସାଗାଃ ଏବଂ ଲଜ୍‌ନାମାନଙ୍କର ଜଲ୍‌ସାଗାଃ ଲୋକମାନଙ୍କ ଦ୍ୱାରା ପୁରଣ ହୋଇଯାଇଥିଲା ଏବଂ ୨ ହଜାର ୫୪୦ରୁ ଅଧିକା ଉପସ୍ଥାନ ହୋଇଯାଇଥିଲା ।

ପ୍ରୋଗ୍ରାମ ମୁତାବକ ଠିକ୍ ୧ଟା ୫୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ପତାକା ଉତୋଳନ ଉତ୍ସବ ପାଇଁ ବାହାରକୁ ବାହାରିଲେ । ବଇତୁଲ୍ ନୂରର ପ୍ରାଙ୍ଗଣରେ ହଜୁର ଅନଓ୍ୱର ଅ:ବ:ଅ ଅହେମଦୀୟତର ପତାକା ଉତୋଳନ କଲେ ଓ ଅମୀର ସାହେବ ହଲାଣ୍ଡ ଦେଶର ଜାତୀୟ ପତାକାକୁ ଉତୋଳନ କଲେ । ଏହାପରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ।

ପତାକା ଉତୋଳନ ଉତ୍ସବପରେ ଠିକ୍ ୨ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ପୁରୁଷମାନଙ୍କ ପାଇଁ ଥିବା ଜଲ୍‌ସାଗାଃ ଭିତରକୁ ପ୍ରବେଶ କଲେ ଓ ସେଠାରେ ଖୁତ୍‌ବା ଜୁମା ପ୍ରଦାନ କଲେ । ଏହିଭଳି ଔପଚାରିକ ଭାବେ ଜଲ୍‌ସା ସାଲାନା ହଲାଣ୍ଡର ଉଦ୍‌ଘାଟନି ଉତ୍ସବ ଆରମ୍ଭ ହୋଇଗଲା । ହଜୁର ଅନଓ୍ୱର ଅ:ବ:ଅଙ୍କ ଏହି ଖୁତ୍‌ବା ଜୁମା ୨:୫୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା ଏବଂ M.T.A Internation ଜରିଆରେ ଏହାର ସିଧାପ୍ରସାରଣ ହେଲା । ଆରବୀ ଏବଂ

*ଅବଶିଷାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

*ତାଲିବେ ଦୁଆ: Idrish Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

*ତାଲିବେ ଦୁଆ: Faiza Noor, D/o- Dr. Manzoor Hussain Sb,*
*Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂତ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।


**ସଦର ଅଞ୍ଜୁମନ ଅହ୍‌ମଦୀୟା କାଦିୟାନ୍ ଅନ୍ତର୍ଗତ ନୂର ହସ୍‌ପିଟାଲ୍‌ର X-Ray ବିଭାଗ ଏବଂ ଦନ୍ତ ବିଭାଗରେ Lady Technician ର ଦୁଇଟି ପଦବୀ ପୂରଣ ହେବାର ଅଛି ।**

ନିମ୍ନଲିଖିତ ସର୍ତାବଳୀ ମୁତାବକ ସେବା କରିବାକୁ ଇଛୁକ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି କି:

**ସର୍ତାବଳୀ: Lady Technician for X-Ray Department (Noor Hospital Qadian)**

(୧) ପ୍ରାର୍ଥୀ ରେଜିଷ୍ଟର୍ଡ଼ ଏବଂ ମାନ୍ୟତାପ୍ରାପ୍ତ ବୋର୍ଡ଼ରୁ Diploma in Radiology Technology କରିଥିବେ ଏବଂ Digital Technology and Competency in ECG Technology ରେ ଅତିକମ୍‌ରେ ତିନିବର୍ଷର ଅଭିଜ୍ଞତା ହାସଲ କରିଥିବେ । (୨) ପ୍ରାର୍ଥୀ Good Communication Skill ରେ ନିପୁଣ ହେବା ଜରୁରୀ ।

**ସର୍ତାବଳୀ: Post for Lady Technician for Dental Department (Noor Hospital Qadian)**

(୧) ପ୍ରାର୍ଥୀ ରେଜିଷ୍ଟର୍ଡ଼ ଏବଂ ମାନ୍ୟତାପ୍ରାପ୍ତ ବୋର୍ଡ଼ରୁ Diploma in Dentistry କରିଥିବେ ଓ ଏଥିରେ ଅତିକମ୍‌ରେ ତାଙ୍କର ତିନିବର୍ଷର ଅଭିଜ୍ଞତା ଥିବ । (୨) ପ୍ରାର୍ଥୀ Good Communication ରେ ନିପୁଣ ହେବା ଜରୁରୀ ।

**ଉପରୋକ୍ତ ପଦବୀ ପାଇଁ ସର୍ତାବଳୀ**

(୧) ପ୍ରାର୍ଥୀଙ୍କ ବୟସ ୨୨-୩୭ ବର୍ଷ ମଧ୍ୟରେ ହୋଇଥିବା ଉଚିତ । (୨) ସେହି ପ୍ରାର୍ଥୀଙ୍କୁ Interview ପାଇଁ ଆମନ୍ତ୍ରଣ କରାଯିବ ଯିଏ ମର୍କଜି କମିଟି ଫର୍ ରିକ୍ରୁଟମେଂଟଙ୍କ ତରଫରୁ କରାଯାଇଥିବା ପରୀକ୍ଷାରେ ଉତୀର୍ଣ୍ଣ ହେବେ । (୩) ଲିଖିତ ପରୀକ୍ଷା ଏବଂ Interview ରେ ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କୁ ନୂର୍ ହସ୍ପିଟାଲ୍ କାଦିଆନ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା Medical Fitness Certificate ମଧ୍ୟ ଉପସ୍ଥାପନ କରିବାକୁ ହେବ । (୪) Interview ରେ ଯୋଗଦେବା ପାଇଁ ଆସିଥିବା ପ୍ରାର୍ଥୀ କାଦିଆନ୍ ଯାତାୟାତ କରିବାର ଖର୍ଚ୍ଚ ଓ ଡ଼ାକ୍ତରି ଫିସ୍ ଇତ୍ୟାଦି ଖର୍ଚ୍ଚ ନିଜେ ବହନ କରିବେ । (୫) ଚୟନ ହେବା କ୍ଷେତ୍ରରେ କାଦିଆନ୍‌ରେ ରହିବାର ଦାୟିତ୍ୱ ପ୍ରାର୍ଥୀଙ୍କର ନିଜସ୍ୱ ହେବ (୬) ପ୍ରାର୍ଥୀଙ୍କ ପାଇଁ ନିଜାରତ୍ ଦିୱାନ୍‌ଙ୍କ ତରଫରୁ ଜାରି କରାଯାଇଥିବା ଫର୍ମ ସହିତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, Experience Certificate, Birth Certificate, Aadhar Card, Voter ID Card ଏବଂ ଯମାତି ରେଜିଷ୍ଟ୍ରେସନ କାର୍ଡ଼ର Attested ନକଲ ଲଗାଇବା ଜରୁରୀ ଅଟେ । (୭) ସାପ୍ତାହିକ ଖବର କାଗଜ ବଦରରେ ଘୋଷଣା ହେବାର ଦୁଇମାସ ପରେ ପରୀକ୍ଷାର ତାରିଖ ବିଷୟରେ ସୁଚନା ଦିଆଯିବ (୮) ଇଛୁକ ପ୍ରାର୍ଥୀ ନିଜ ନିଜର ଦରଖାସ୍ତ ପ୍ରକାଶିତ ଫର୍ମରେ ନିଜ ଜିଲ୍ଲା ଅମୀର / ସ୍ଥାନୀୟ ଅମୀର / ସଦର / ସଦର୍ ଲଜ୍‌ନା / ମୁବଲ୍ଲିଗ୍ ଇନ୍‌ଚାର୍ଜଙ୍କ ତସ୍‌ଦିକ୍ ଦସ୍ତଖତକୁ ମୋହର ସହିତ ପ୍ରେରଣ କରିପାରିବେ (୯) ପ୍ରାର୍ଥୀ Interview ଦେବାକୁ ଆସିବା ବେଳେ ନିଜର ଅସଲ ସାର୍ଟିଫିକେଟ୍‌ଗୁଡ଼ିକୁ ସାଥିରେ ନିଶ୍ଚିତ ଆଣିବେ (୧୦) ପ୍ରାର୍ଥୀ ୱକ୍‌ଫେ ନୌ ହୋଇଥିବା କ୍ଷେତ୍ରରେ ସଦର୍ ଅଞ୍ଜୁମନ୍ ଅହମଦିୟାର ଯେ କୌଣସି ପଦବୀରେ ଆବେଦନ କରିବା ପୂର୍ବରୁ ସୟଦନା ହଜୁର ଅନଓ୍ୱରଙ୍କଠାରୁ ହାସଲ କରାଯାଇଥିବା ଅନୁମତି ପତ୍ରର ନକଲ ସାମିଲ କରିବା ଜରୁରୀ (୧୧) ଉପରୋକ୍ତ ପଦବୀ ପାଇଁ ବିବରଣୀ ଫର୍ମ ନଜାରତ୍ ଦିୱାନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସମ୍ପୂର୍ଣ୍ଣରୂପେ ପୂରଣ କରାଯିବା ପରେ ନିୟମାନୁସାରେ କାରବାର ହେବ ।

**ସଦର ଅଞ୍ଜୁମନ ଅହମଦୀୟା, ଅଞ୍ଜୁମନ ତହ୍‌ରୀକ୍-ଏ-ଜଦିଦ୍, ଅଞ୍ଜୁମନ ୱକ୍‌ଫ-ଏ-ଜଦିଦ୍ କାଦିଆନ୍‌ର କାର୍ଯ୍ୟାଳୟଗୁଡ଼ିକରେ ମାଲି, କେୟାର ଟେକର, ଚୌକିଦାର, ବାବର୍ଚି, ନାନ୍‌ବାଇ ଏବଂ ଖାଦିମ୍ ମସ୍‌ଜିଦ୍ ନିମନ୍ତେ ଚତୁର୍ଥ ଶ୍ରେଣୀ କର୍ମଚାରୀର ପ୍ରାର୍ଥୀ ଆବଶ୍ୟକ**

ଯେଉଁ ପ୍ରାର୍ଥମାନେ ଖିଦ୍‌ମତ୍ (ସେବା) କରିବାକୁ ଇଛୁକ ସେମାନେ ନିମ୍ନଲିଖିତ ସର୍ତାବଳୀ ମୁତାବକ ଦରଖାସ୍ତ କରିପାରିବେ । ପ୍ରାର୍ଥୀମାନଙ୍କୁ ଉପରୋକ୍ତ ଯେ କୌଣସି Catagory ରେ କାଦିଆନ୍ ବା କାଦିଆନ୍ ବାହାରେ କେଉଁଠି ମଧ୍ୟ ମୃତୟନ କରାଯାଇପାରେ ।

**ସର୍ତାବଳୀ**

(୧) ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତାର କୌଣସି ସର୍ତନାହିଁ (୨) ପ୍ରାର୍ଥୀଙ୍କ ବୟସ ୨୫ ବର୍ଷରୁ କମ୍ ହେବା ଜରୁରୀ (୩) ଜନ୍ମ ପ୍ରମାଣପତ୍ର ଦେବା ଜରୁରୀ (୪) ସେହି ପ୍ରାର୍ଥୀମାନେ ସେବା କରିବାକୁ ସୁଯୋଗ ପାଇବେ ଯେଉଁମାନେ ମର୍କଜି କମିଟିଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା କର୍ମଚାରୀ ନିଯୁକ୍ତି Interviewରେ ଉତୀର୍ଣ୍ଣ ହେବେ । (୫) ସେହି ପ୍ରାର୍ଥୀମାନଙ୍କୁ ସେବା କରିବାର ସୁଯୋଗ ମିଳିବ ଯେଉଁମାନେ ନୂର ହସ୍ପିଟାଲ୍ ମେଡ଼ିକାଲ୍ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ହୋଇଥିବେ (୬) ପ୍ରାର୍ଥୀ କାଦିଆନ୍ ଯିବା ଆସିବାର ଖର୍ଚ୍ଚ ନିଜେ ବହନ କରିବେ (୭) ଯଦି କୌଣସି ପ୍ରାର୍ଥୀଙ୍କର ଚୟନ ହୁଏ ଏହି ପରିପ୍ରେକ୍ଷିରେ ତାଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ (୮) ଇଛୁକ ପ୍ରାର୍ଥୀ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ ଅହ୍‌ମଦିୟା କାଦିଆନ୍‌ଙ୍କ ନିକଟରୁ ହାସଲ କରିପାରିବେ ।

ଏହି ଘୋଷଣାର ଦୁଇମାସ ଭିତରେ ଯେଉଁ ଦରଖାସ୍ତଗୁଡ଼ିକ ହସ୍ତଗତ ହେବ ତା'ଉପରେ ଧ୍ୟାନ ଦିଆଯିବ ।

**(ନାଜର ଦିୱାନ୍ କାଦିଆନ୍)**

**ଅଧିକ ଜାଣିବାପାଇଁ ଯୋଗାଯୋଗ କରନ୍ତୁ:**

**ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ୍ ଅହ୍‌ମଦୀୟା କାଦିଆନ୍**

**E-mail: diwan@qadian.in**

**Ph: 01872-501130, (M) 9646351280, 9877138347**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.5 Thursday 16 July 2020 Issue No. 29

MANAGER
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

**୨୫ ସେପ୍ଟେମ୍ବର ୨୦୧୯ (ବୁଧବାର) ଇସଲାମାବାଦ, ଟିଲଫୋର୍ଡ଼ରୁ ଯାତ୍ରା ଆରମ୍ଭ ଏବଂ ମସ୍‌ଜିଦ୍ ବଇତୁଲ୍ ନୂର୍ (ନନ୍‌ସ୍ପିଟ୍) ହଲାଣ୍ଡରେ ପଦାର୍ପଣ**

ଯମାତ୍ ଅହେମଦୀୟାର ନୂଆ ମର୍କଜ ଇସଲାମାବାଦ (ୟୁକେ)ରୁ ହଜୁର ଅନଓ୍ୱର ଅ:ବ:ଅଙ୍କର ଏହା ଦ୍ୱିତୀୟ ଗସ୍ତ ଥିଲା । ହଜୁର ଅନଓ୍ୱର ଅ:ବ:ଅ ହଲାଣ୍ଡ, ଫ୍ରାନ୍ସ ଏବଂ ଜର୍ମାନୀର ଯାତ୍ରା କରିବାପାଇଁ ପ୍ରୋଗ୍ରାମ ମୁତାବକ ସକାଳ ୯:୫୦ ମିନିଟରେ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ । ହଜୁର ଅନଓ୍ୱର ଅ:ବ:ଅଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ପାଇଁ ସକାଳୁ ହିଁ ଯମାତ୍ ଅହେମଦୀୟାର ପୁରୁଷ ଓ ମହିଳାମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ଆବାସସ୍ଥଳୀର ବାହ୍ୟ ପ୍ରାଙ୍ଗଣଠାରେ ଏକତ୍ରିତ ହୋଇଥିଲେ ।

ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ସର୍ଦ୍ଦାଲୁଙ୍କ ଗହଣରେ ସମୟ ବିତାଇଲେ ପ୍ରତ୍ୟେକ ବ୍ୟକ୍ତି ନିଜ ପ୍ରୀୟ ଆକାଙ୍କୁ ଦର୍ଶନ କଲେ । ହଜୁର ଅନଓ୍ୱର ଅ:ବ:ଅ ସାମୁହିକ ପ୍ରାର୍ଥନା କରାଇଲେ ଓ ନିଜ ହାତକୁ ଉପରକୁ ଉଠାଇ ଉପସ୍ଥିତ ସଦସ୍ୟମାନଙ୍କୁ ଅସ୍‌ସଲାମୁ ଆଲୈକୁମ୍ କହିଲେ ଏହା ପରେ ପାଂଚଟି ଗାଡ଼ି ଦ୍ୱାରା ପରିବେଷ୍ଟିତ କାଫିଲା ବ୍ରିଟେନ୍‌ର ଗୋଟିଏ ସମୁଦ୍ରକୂଳିଆ ସହର ଡ଼ୋଭର୍ ଆଡ଼କୁ ଅଗ୍ରସର ହେଲା ।

ଡ଼ୋଭର୍ ହେଉଛି ବ୍ରିଟେନ୍‌ର ଗୋଟିଏ ପ୍ରସିଦ୍ଧ ସହର । ଲଣ୍ଡନ ଏବଂ ଏହାର ଆଖପାଖ ଇଲାକାରେ ବସବାସ କରୁଥିବା ଲୋକମାନେ ୟୁରୋପର ଯାତ୍ରା ଫେରିଗୁଡ଼ିକ ଜରିଆରେ ଏହି ବନ୍ଦରରୁ ହିଁ କରିଥାନ୍ତି । ଡ଼ୋଭର୍ ସହରଠାରୁ ୧୧ ମାଇଲ ପୂର୍ବେ Folkstone ର ଇଲାକାରେ ସେହି ପ୍ରଶିଦ୍ଧ ଚ୍ୟାନେଲ୍ ଟନେଲ୍ ରହିଛି ଯାହା ବ୍ରିଟେନ୍ ଏବଂ ଫ୍ରାନ୍ସର ସମୁଦ୍ର କୁଳକୁ ଆପୋଷରେ ସଂଯୋଗ କରୁଅଛି । ଏହି ସୁଡ଼ଙ୍ଗ ଜରିଆରେ କାର୍ ଏବଂ ଅନ୍ୟାନ୍ୟ ଗାଡ଼ିଗୁଡ଼ିକ ଟ୍ରେନ୍ ମାଧ୍ୟମରେ ଫ୍ରାନ୍ସର ସମୁଦ୍ରକୁଳ ସହର କାଲାଇସ୍ ପର୍ଯ୍ୟନ୍ତ ପହଂଚିଥାନ୍ତି । ଆଜି ସେହି ଚ୍ୟାନେଲ ଟନଲ୍ ଜରିଆରେ ଯାତ୍ରା କରିବାର ପ୍ରୋଗ୍ରାମ ରଖାଯାଇଥିଲା । ଇସଲାମାବାଦ (ୟୁ.କେ)ରୁ ମୋକରମ୍ ମନ୍‌ସୁର୍ ଅହେମଦ୍ ଶାହ୍ ସାହେବ୍ ନାଏବ ଅମୀର ୟୁକେ, ମୋକରମ୍ ଅତାଉଲ୍ ମୁଜିବ୍ ରାଶିଦ୍ ସାହେବ ମୁବଲିଗ୍ ଇନ୍‌ଚାର୍ଜ ୟୁକେ, ମୋକରମ୍ ମୁବାରକ୍ ଅହେମଦ୍ ଜଫର୍ ସାହେବ ଆଡ଼ିସନାଲ୍ ଓ୍ୱକିଲୁଲ୍ ମାଲ୍, ମୋକରମ୍ ନାଶିର୍ ଇନ୍‌ଆମ୍ ସାହେବ୍ ପ୍ରିନ୍ସପାଲ ଯାମିୟା ଅହେମଦୀୟା ୟୁକେ, ମୋକରମ୍ ଏଖ୍‌ଲାକ୍ ଅହେମଦ୍ ଅଞ୍ଜୁମ୍ ସାହେବ (ଓ୍ୱକାଲତେ ତବ୍‌ଶିର୍) ଏବଂ ମୋକରମ୍ ନାଏବ ସଦର ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ୟୁକେ, ମୋହତମିମ୍ ଉମୁମି ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ୟୁକେ ନିଜ ଖୁଦାମ ସିକ୍ୟୁରିଟି ଟିମ୍ ସହିତ ହଜୁର ଅନଓ୍ୱର ଅ:ବ:ଅଙ୍କୁ ବିଦାୟ ଜଣାଇବା ପାଇଁ ଚ୍ୟାନେଲ ଟନଲ୍ ପର୍ଯ୍ୟନ୍ତ କାଫିଲା ସହିତ ଆସିଥିଲେ । ପାଖାପାଖି ୧:୪୦ ମିନିଟ ଯାତ୍ରା କରିବାପରେ ୧୧:୩୦ ସମୟରେ ଚ୍ୟାନେଲ୍ ଟନେଲ୍‌ରେ ପହଂଚିଲେ । ଇସ୍‌ଲାମାବାଦରୁ ସାଥିରେ ଆସିଥିବା ସଦସ୍ୟମାନେ ନିଜ ପ୍ରୀୟ ଆକାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଲେ ।

ଏହାପରେ ଇମିଗ୍ରେସନ୍ ଏବଂ ଅନ୍ୟାନ୍ୟ ଯାତ୍ରା ସମ୍ବନ୍ଧିୟ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ କରିବାପରେ ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ସ୍ପେଶାଲ୍ ଲଞ୍ଜ ଭିତରକୁ ଚାଲିଗଲେ । ପାଖାପାଖି ୧୨:୧୫ ମିନିଟରେ କାଫିଲାରେ ଥିବା ଗାଡ଼ିଗୁଡ଼ିକୁ ଟ୍ରେନ ଉପରେ ଲଦା ଗଲା । ଟ୍ରେନଟି ଠିକ୍ ୧୨:୩୦ ମିନିଟରେ ୧୪୦ କିମି ଘଂଟା ପ୍ରତି ବେଗରେ ଫ୍ରାନ୍ସର ସମୁଦ୍ରକୁଳ ସହର କାଲାଇସ୍ ଆଡ଼କୁ ଯାତ୍ରାକଲା । ଏହି ସୁଡ଼ଙ୍ଗଟି ହେଉଛି ୩୧ ମାଇଲ ଲମ୍ବ । ସେଥିରୁ ୨୪ ମାଇଲ ସମୁଦ୍ର ତଳେ ରହିଛି । ଏହି ସୁଡ଼ଙ୍ଗଟିର ଗଭୀରତମ ଅଂଶ ଟି ସମୁଦ୍ର ପତନଠାରୁ ୭୫ ମିଟର ତଳେ ରହିଛି ଅର୍ଥାତ ୨୫୦ ଫୁଟ ତଳେ । ଏ ପର୍ଯ୍ୟନ୍ତ କୌଣସି ମଧ୍ୟ ସମୁଦ୍ର ତଳେ ତିଆରି ହୋଇଥିବା ଟନେଲ୍‌ଗୁଡ଼ିକ ମଧ୍ୟରୁ ଏହା ହେଉଛି ପୃଥିବୀର ସବୁଠାରୁ ବଡ଼ ଟନେଲ୍ । ପାଖାପାଖି ଅଧଘଂଟା ଯାତ୍ରା କରିବାପରେ ଫ୍ରାନ୍ସର ସ୍ଥାନୀୟ ସମୟ ମୁତାବକ ଦ୍ୱିଇପ୍ରହର ଠିକ୍ ୨ଟା ବେଳେ ଫ୍ରାନ୍ସର କାଲାଇସ୍ ସହରଠାରେ ପହଂଚିଲେ । ଫ୍ରାନ୍ସର ସମୟ ବ୍ରିଟେନ୍‌ର ସମୟ ଏକଘଂଟା ଆଗୁଆ ।

ଟ୍ରେନଟି ରହିବାପରେ ପାଖାପାଖି ୫ ମିନିଟ ବିରତି ପରେ ଗାଡ଼ିଗୁଡ଼ିକୁ ଟ୍ରେନ ମଧ୍ୟରୁ ବାହାର କରାଗଲା ଏବଂ ସଡ଼କ ପଥରେ ଯାତ୍ରା ଆରମ୍ଭ ହେଲା । ପୂର୍ବ ନିର୍ଦ୍ଧାରିତ ପ୍ରୋଗ୍ରାମ ମୁତାବକ ଏଠାରୁ କିଛି କିମି ଦୁରତାରେ ଅବସ୍ଥିତ ଗୋଟିଏ ପେଟ୍ରୋଲ ପମ୍ପର ପାର୍କିଙ୍ଗ ଏରିଆରେ ଫ୍ରାନ୍ସର ଯମାତ୍‌ଗୁଡ଼ିକରୁ ଆସିଥିବା ଓ୍ୱଫଦ୍ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ କରିବାର ଥିଲା । ଏହି ଇଲାକା ଦେଇ ଏଠାରେ ନ ରହି ଯାତ୍ରା ଆଗକୁ ଜାରି ରହିଲା ।

ପ୍ରୋଗ୍ରାମ ମୁତାବକ ଅଳ୍ପ କିଛି କିମି ଯାତ୍ରା କରିବାପରେ ସଡ଼କ ପଥ ଉପରେ ହିଁ କାଲାଇସ୍‌ର ନିକଟବର୍ତ୍ତୀ ଇଲାକା Coquelles ର ଗୋଟିଏ ହୋଟେଲ The Originals Human Hotel & Resorts ଠାରେ ନମାଜ ଜୋହର୍ ଏବଂ ଅସର୍ ପାଠ କରାଯିବା ଏବଂ ଦ୍ୱିପ୍ରହର ଭୋଜନର ବ୍ୟବସ୍ଥା କରାଯାଇଥିଲା । ଯମାତ୍ ଅହେମଦୀୟା ଫ୍ରାନ୍ସ ଏହି ସବୁ କାର୍ଯ୍ୟକ୍ରମର ବ୍ୟବସ୍ଥା କରିଥିଲା । ଠିକ୍ ୨:୨୦ ମିନିଟରେ ଏଠାରେ ପହଂଚିଲେ ଯେଉଁ କ୍ଷଣି ହଜୁର ଅନଓ୍ୱର ଅ:ବ:ଅ ଗାଡ଼ିରୁ ବାହାରିଲେ ମୋକରମ୍ ଅମୀର ସାହେବ ଫ୍ରାନ୍ସ ଅଶଫାକ୍ ରବ୍‌ବାନି ସାହେବ ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବ ଓ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଫ୍ରାନ୍ସରୁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇବା ପାଇଁ ଓ ଏଠାର ସମସ୍ତ ବ୍ୟବସ୍ଥା ନିମନ୍ତେ ଆସିଥିବା ଓ୍ୱଫଦ୍‌ରେ ଅମୀର ସାହେବ ଫ୍ରାନ୍ସଙ୍କ ବ୍ୟତିତ ମୋକରମ୍ ଅସଲମ୍ ଦୋବୋରି ସାହେବ ନାଏବ ଅମୀର ଯମାତ୍ ଫ୍ରାନ୍ସ, ମୋକରମ୍ ଫହିମ୍ ଅହେମଦ୍ ମିଆଜ୍ ସାହେବ୍ ଜେନେରାଲ୍ ସେକ୍ରେଟାରୀ, ମୋକରମ୍ ଅଏମୁଲ୍ ହାଦି ସାହେବ ସମଇ ଓ ବସରି ବିଭାଗ, ମୋକରମ୍ ଜମିଲୁର୍ ରହ୍‌ମାନ ସାହେବ୍ ସଦର ମଜଲିସ୍ ଖୁଦାମୁଲ୍ ଅହେମଦୀୟା ଫ୍ରାନ୍ସ, ମୋକରମ୍ ଅସଦ୍ ଇମ୍‌ତିଆଜ୍ ସାହେବ ନାଏବ ସଦର ଖୁଦାମୁଲ୍ ଅହେମଦୀୟା ଫ୍ରାନ୍ସ ଏବଂ ମୋକରମ୍ ଇମ୍‌ତିଆଜ୍ ଇସ୍ତେଖାର୍ ସାହେବ ମୁହତମିମ୍ ଉମୁମି ଖୁଦାମୁଲ୍ ଅହେମଦୀୟା ଫ୍ରାନ୍ସ ନିଜ ଖୁଦାମ ସିକ୍ୟୁରିଟି ଟିମ୍ ସହିତ ଉପସ୍ଥିତ ଥିଲେ । ଜୋହର୍ ଏବଂ ଅସର ନମାଜ ପାଠ ନିମନ୍ତେ ହୋଟେଲ୍‌ର ଗୋଟିଏ ଅଲଗା ହଲ୍‌ରେ ବ୍ୟବସ୍ଥା କରାଯାଇଥିଲା । ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୨:୩୫ ମିନିଟରେ ସେଠାରେ ପଦାର୍ପଣ କରି ଜୋହର୍ ଏବଂ ଅସର ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ଏବଂ ଦ୍ୱିପ୍ରହର ଭୋଜନ ଶେଷ ହେବା ଅନ୍ତେ ଏଠାରୁ ଆଗକୁ ନନ୍‌ସ୍ପିଟ୍, ହଲାଣ୍ଡ ନିମନ୍ତେ ଯାତ୍ରା କରିବାର ପ୍ରୋଗ୍ରାମ ଥିଲା ।

ହଲାଣ୍ଡରୁ ମୋକରମ୍ ଅମୀର ସାହେବ୍ ହଲାଣ୍ଡ ମୋକରମ୍ ହିବ୍‌ତୁଲ୍ ନୂର୍ ଫରହାକନ୍ ସାହେବ, ମୋକରମ୍ ଅବଦୁଲ୍ ହମିଦ୍ ଫନ୍ଦର ଫିଲ୍‌ଦନ୍ ସାହେବ୍ ନାଏବ ଅମୀର ହଲାଣ୍ଡ, ମୋକରମ୍ ନଈମ ଅହେମଦ୍ ଓ୍ୱଡ଼ାଇଚ୍ ସାହେବ ମୁବଲିଗ୍ ଇନ୍‌ଚାର୍ଜ ହଲାଣ୍ଡ, ମୋକରମ୍ ମୁଜ୍‌ଫର୍ ହୁସୈନ୍ ସାହେବ ଜେନେରାଲ୍ ସେକ୍ରେଟାରୀ, ମୋକରମ୍ ନାସିର୍ ଅହେମଦ୍ ଡ଼ୋଗର୍ ସାହେବ୍ ସେକ୍ରେଟାରୀ ସନ୍‌ଅତ୍ ଓ୍ୱ ତିଜାରତ୍, ମୋକରମ୍ ଜୁବୈର୍ ଅକମଲ୍ ସାହେବ୍ ସେକ୍ରେଟାରୀ ତାଲିମୁଲ୍ କୁର୍‌ଆନ୍ ଓ୍ୱ ଓ୍ୱକ୍‌ଫେ ଆର୍‌ଜି ଏବଂ ସଦର ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ଉସ୍‌ମାନ ଅଲୀ ସାହେବ୍ ନିଜ ସିକ୍ୟୁରିଟି ଟିମ୍ ସହିତ ହୋଟେଲ୍ ଠାରେ ହଜୁର ଅନଓ୍ୱର ଅ:ବ:ଅ ସ୍ୱାଗତ ଜଣାଇବା ପାଇଁ ପହଂଚିଥିଲେ ।

ପ୍ରୋଗ୍ରାମ ମୁତାବକ ଏବେ ଏଠାରୁ ହଲାଣ୍ଡରୁ ଆସିଥିବା ପ୍ରତିନିଧି ମଣ୍ଡଳ କାଫଇଲାକୁ ଏସ୍‌କର୍ଟ କରି ନନ୍‌ସ୍ପିଟ୍ ପର୍ଯ୍ୟନ୍ତ ନେଇ ଯିବାର ପ୍ରୋଗ୍ରାମ ଥିଲା । ଠିକ୍ ୩:୪୦ ମିନିଟରେ ହୋଟେଲ୍‌ରୁ ବାହାରକୁ ବାହାରିଲେ ଓ ସାମୁହିକ ପ୍ରାର୍ଥନା କରାଇଲେ । ତା'ପରେ କାଫିଲାଟି ନନ୍‌ସ୍ପିଟ୍ ଆଡ଼କୁ ଯାତ୍ରା କଲା ।

ଏଠାରୁ ନନ୍‌ସ୍ପିଟ୍‌ର ଦୁରତା ୩୯୦ କିମି । ୫୫ କିମି ଯାତ୍ରା କରିବାପରେ ଫ୍ରାନ୍ସର ବର୍ଡ଼ର ପାର କରି ବେଲ୍‌ଜିୟମ୍ ଦେଶର ସୀମା ଭିତରେ ପ୍ରବେଶ ହେଲା । ବେଲ୍‌ଜିୟମ୍‌ରେ ୧୯୦ କିମି ଯାତ୍ରା ଅତିକ୍ରମ କରିବାପରେ ବେଲ୍‌ଜିୟମର ସୀମାକୁ ପାର କରି କାଫିଲାଟି ହଲାଣ୍ଡରେ ପ୍ରବେଶ କଲା । ପୁଣି ହଲାଣ୍ଡ ଦେଶରେ ଆହୁରି ୧୪୫ କିମି ଯାତ୍ରା କରିବା ପରେ ପାଖାପାଖି ୮:୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ଯମାତ୍ ଅହେମଦୀୟା ନନସ୍ପିଟ୍‌ର ମର୍‌କଜ୍ (କେନ୍ଦ୍ର) ବଇତୁଲ୍ ନୂର୍‌ଠାରେ ପଦାର୍ପଣ କଲେ ।

ଯେଉଁକ୍ଷଣି ହଜୁର ଅନଓ୍ୱର ଅ:ବ:ଅ ଗାଡ଼ିରୁ ବାହାରକୁ ବାହାରିଲେ ନନ୍‌ସ୍ପିଟ୍‌ରୁ ଏବଂ ହଲାଣ୍ଡର ବିଭିନ୍ନ ଯମାତ୍‌ଗୁଡ଼ିକରୁ ଓ ବିଭିନ୍ନ ସହରରୁ ଆସିଥିବା ଯମାତ୍‌ର ସଦସ୍ୟଗଣ ପୁରୁଷ, ମହିଳା ଓ ପିଲାମାନେ ନିଜ ପ୍ରୀୟ ଆକାଙ୍କୁ ଭବ୍ୟ ସ୍ୱାଗତ ଜଣାଇଲେ । ଛୋଟ ଛୋଟ ଝିଅ ପିଲାମାନେ ଦଳ ଦଳ ହୋଇ ପ୍ରାର୍ଥନା ମୁଳକ ନଜମ୍ ଏବଂ ସ୍ୱାଗତ ସମ୍ବର୍ଦ୍ଧନାମୁଳକ ସଙ୍ଗିତ ପରିବେଷଣ କରୁଥିଲେ । ପ୍ରତ୍ୟେକ ବ୍ୟକ୍ତି ଅତ୍ୟନ୍ତ ଶ୍ରଦ୍ଧା ଓ ପ୍ରେମର ସହିତ ହାତକୁ ଉପରକୁ ଉଠାଇ ରଖିଥିଲେ । ''ଅହଲଉଁ ଓ୍ୱ ସହଲଉଁ ଓ୍ୱ ମରହ୍‌ବା ୟା ଅମୀରଲ୍ ମୁମିନିନ୍''ର ଶବ୍ଦ ଚତୁର୍ଦ୍ଦିଗରୁ ଗୁଞ୍ଜରିତ ହେଉଥିଲା ।

ମୋକରମ୍ ଅମୀର ସାହେବ ହଲାଣ୍ଡ, ମୋକରମ୍ ମୁବ୍‌ଲିଗ୍ ଇନ୍‌ଚାର୍ଜ ସାହେବ ହଲାଣ୍ଡ, ମୋକରମ୍ ହାମିଦ୍ କରିମ୍ ସାହେବ ମୁବଲିଗ୍ ନନସ୍ପିଟ୍, ମୋକରମ୍ ଅଜ୍‌ହର୍ ଅଲୀ ନଈମ ସାହେବ୍ ସେକ୍ରେଟାରୀ ଉମୁରେ ଖାର୍‌ଜା, ମୋକରମ୍ ଚୌଧୁରୀ

*ଅବଶିଷ୍ଟାଂଶ ପୃଷ୍ଠା- ୦୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan